ବର୍ଷ-୨୫, ସଂଖ୍ୟା-୮୩
ଭୁବନେଶ୍ୱର
୨୬, ମାର୍ଚ୍ଚ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 83
Bhubaneswar
26 March, 2025, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# କଂଗ୍ରେସର ହାଇଡ୍ରାମା





**ଭୁବନେଶ୍ୱର,୨୫।୩(ମହାଭାରତ):** ଆଜି ବିଧାନସଭା ଭିତରେ ଓ ବାହାରେ ଠେଲାପେଲା, ଧସ୍ତାଧସ୍ତି ଭଳି ଘଟଣା ଦେଖିବାକୁ ମିଳିଛି। ଆଜି ଗୃହରେ କଂଗ୍ରେସ ବିଧାୟକମାନେ ମହିଳା ସୁରକ୍ଷା ନେଇ ହଙ୍ଗାମା କରିଥିଲେ। ଫଳରେ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ଏହି ବିଶୃଙ୍ଖଳିତ ଆଚରଣ ପାଇଁ ବାଚିସ୍ପତି ୧୨ ଜଣ ସଦସ୍ୟଙ୍କୁ ନିଲମ୍ବନ କରିଥିଲେ। ଏହି ଘଟଣା ପରେ ବିଧାନସଭା ବାହାରେ ମଧ୍ୟ କଂଗ୍ରେସ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ଓ କର୍ମୀମାନେ ବିଧାନସଭାରେ ପଶିବାକୁ ଉଦ୍ୟମ କରିବାବେଳେ ପୋଲିସ ସହ ମୁହାଁମୁହିଁସ୍ଥିତି ସ୍ଥିତି ଉପୁଜିଥିଲା। ଆଜି ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଉତ୍ତେଜନା ରାତି ପର୍ଯ୍ୟନ୍ତ ଜାରି ରହିଛି। ବିଧାନସଭା ଆଗରେ ଧାରଣାରତ କଂଗ୍ରେସକର୍ମୀଙ୍କୁ ପୁଲିସ ଉଠାଇଛି। କିନ୍ତୁ କଂଗ୍ରେସର ବରିଷ୍ଠ କର୍ମୀମାନେ ନିଜ ଦଳର ବିଧାୟକମାନଙ୍କୁ ଭେଟିବାକୁ ଚାହୁଁଥିବା ବେଳେ ସେମାନଙ୍କୁ ପୁଲିସ ଆଗକୁ ଯିବା ପାଇଁ ଅନୁମତି ଦେଉନାହିଁ। ଅନ୍ୟପଟରେ ବିଧାନସଭା ଚାରିପାଖରେ ବିଏନ୍‌ଏସ୍ ୧୬୩ ଧାରା ଲାଗୁ କରାଯାଇଛି ।

ବିଧାନସଭାରେ କଂଗ୍ରେସ ବିଧାୟକ-ମାର୍ଶାଲ ମୁହାଁମୁହିଁ ହୋଇଛନ୍ତି। ଗୃହ ବାହାରକୁ ଯାଇଥିବା ସମୟରେ ୨ କଂଗ୍ରେସ ବିଧାୟକ ଏବଂ ବିଧାନସଭା ମାର୍ଶାଲଙ୍କ ମଧ୍ୟର ଧସ୍ତାଧସ୍ତି ହୋଇଛି। ଯାହାକୁ ନେଇ ବିଧାନସଭା ପରିସରରେ କଂଗ୍ରେସ ନେତାମାନେ ପ୍ରତିବାଦ କରିଛନ୍ତି। ଏମିତିକି ବିଧାନସଭା ଆଗରେ କଂଗ୍ରେସ ଅନେକ ତୁଙ୍ଗ ନେତା ଏକାଠି ହୋଇଛନ୍ତି। ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, ଭକ୍ତ ଦାସ, ଶରତ ରାଉତ, ଜୟଦେବ ଜେନା ପ୍ରମୁଖ ବିଧାନସଭାରେ ଆଗରେ ଏକାଠି ବସିଥିଲେ।

ସୂଚନା ଅନୁଯାୟୀ, ବିଧାୟକ ଟଏଲେଟ ଯାଇ ଫେରିବାବେଳେ ସୁରକ୍ଷାକର୍ମୀ ବିଧାୟକ ଧସ୍ତାଧସ୍ତି ହୋଇଥିଲା। ଟଏଲେଟରୁ ଫେରିବା ପରେ ଲବିକୁ ଛାଡି ନଥିଲେ ମାର୍ଶାଲ। ଆଉ ଲବି ଗେଟ ନଖୋଲିବାରୁ ସୁରକ୍ଷାକର୍ମୀ ଏବଂ କଂଗ୍ରେସ ବିଧାୟକ ମୁହାଁମୁହିଁ ହୋଇଥିଲେ। ଏହି ଠେଲାପେଲାରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର କାଡାମ ଆହତ ହୋଇଛନ୍ତି। ତାଙ୍କ ହାତରେ ଆଘାତ ଲାଗିଛି।

ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନଙ୍କ ହଙ୍ଗାମା କାରଣରୁ ଆଜି ମଧ୍ୟ ବିଧାନ ସଭାରେ ପ୍ରଶ୍ନ କାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ ।ବିରୋଧୀ ବିଧାୟକ ମାନଙ୍କର ହଙ୍ଗାମା କାରଣରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହା ପରେ ମଧ୍ୟ ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା । ଅଚଳାବସ୍ଥା ଦୂର କରିବାକୁ ସର୍ବଦଳୀୟ ବୈଠକ ଡକା ଯାଇଥିଲେ ସୁଦ୍ଧା କିଛି ଲାଭ ହୋଇ ନ ଥିଲା। ଏହି କାରଣରୁ ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିବାକୁ ପଡିଥିଲା।

ଆଜି ନିର୍ଦ୍ଧାରିତ ୧୦.୩୦ ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନ କାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ ଓ ମନ୍ତ୍ରୀ ରବି ନାରାୟଣ ନାୟକ ଙ୍କୁ ଉତ୍ତର ଦେବାକୁ ଡାକି ଥିଲେ। ମନ୍ତ୍ରୀ ଶ୍ରୀ ନାୟକ ଉତ୍ତର ଦେବା ଆରମ୍ଭ କରି ଥିଲେ । ଏହି ସମୟ ମଧ୍ୟରେ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ନାରାବାଜୀ କରି ଓ ହାତରେ ପ୍ଲାକାର୍ଡ ମାନ ଧରି ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । କଂଗ୍ରେସ ବିଧାୟକ ମାନେ ଘଂଟ ଓ ବଇଁଶି ବଜାଇ ରାଜ୍ୟରେ ବଢୁଥିବା ନାରୀ ନିର୍ଯ୍ୟାତନା ପ୍ରସଙ୍ଗକୁ ନେଇ ପ୍ରତିବାଦ କରିଥିଲେ । ସେହିପରି ବିଜେଡି ବିଧାୟକ ମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି କରିଥିଲେ । ଦି ବିହାରରେ ଜାତି ଜନ ଗଣନା କରାଯାଇ ପାରୁଛି। ତେବେ ଓଡିଶାରେ କାହିଁକି ହେଇ ନାହିଁ ବୋଲି ଲେଖାଥିବା ପ୍ଲାକାର୍ଡ ମାନ ବିଜେଡି ସଭ୍ୟ ମାନେ ଧରିଥିଲେ। ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ ଗତ କାଲି ଉ ବାଚସ୍ପତି ଗୃହକୁ ଘଂଟ ଓ ଶଂଖ ଆଣି ନ ଆସିବା ପାଇଁ ରୁଲିଂ ଦେଇଥିଲେ । ଏହା ସତ୍ୱେ ବିଧାୟକ ମାନେ ଏହାକୁ ନେଇ ଆସିଛନ୍ତି । ସେ ବିରୋଧୀ ଦଳର ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ ଏହି ଅନୁରୋଧର କୌଣସି ପ୍ରଭାବ ତାଙ୍କ ଉପରେ ପଡି ନ ଥିଲା । ଶେଷରେ ଗୃହର ଅଚଳାବସ୍ଥା ଏଡାଇବାକୁ ଯାଇ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

ଦିନ ୧୧.୩୦ ମିନିଟରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ ସେହି ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକ ମାନେ ସମାନ ପ୍ରସଙ୍ଗକୁ ନେଇ ନାରାବାଜି କରିଥିବା ଦେଖିବାକୁ ମିଳିଥିଲା । ଏହି କାରଣରୁ ଉ ବାଚସ୍ପତି ଭବାନୀ ଶଙ୍କର ଭୋଇ ସର୍ବଦଳୀୟ ବୈଠକ ଡାକିବା ସହ ଗୃହକୁ ୩୦ ମିନିଟ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ।

ବିଧାନସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ କଂଗ୍ରେସର ୧୪ରୁ ୧୨ ଜଣ ବିଧାୟକଙ୍କୁ ୭ କାର୍ଯ୍ୟଦିବସ ପାଇଁ ନିଲମ୍ବିତ କରିଥିଲେ ବାଚସ୍ପତି। ନିଲମ୍ବିତ ହୋଇଥିବା ୧୨ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ଅଛନ୍ତି ରାମଚନ୍ଦ୍ର କାଡାମ, ରାଜନ ଏକ୍କା, ସୋଫିଅ। ଫିର୍ଦୋସ, ଅଶୋକ ଦାସ, ମଙ୍ଗୁ ଖିଲ, ଦାଶରଥୀ ଗମାଙ୍ଗ, ସତ୍ୟଞ୍ଜିତ ଗମାଙ୍ଗ, ନୀଳମାଧବ ହିକକା,ସାଗର ଦାସ,କାଡ୍ରାକା ଅପଲା ସ୍ୱାମୀ,ପ୍ରଫୁଲ୍ଲ ପ୍ରଧାନ, ପବିତ୍ର ସାଉଁତା ପ୍ରମୁଖ ଆଉ ଏହା ପରେ ଏହି ବିଧାୟକମାନେ ବିଧାନସଭା ଗୃହ ବାହାରେ ବିରୋଧ ପ୍ରଦର୍ଶନ କରିବା ସହ ରାତି ସାରା ବିରୋଧ ଜାରି ରଖିବେ ବୋଲି କହିଥିଲେ।

# ଦୁର୍ଘଟଣାରେ ୩ ଶ୍ରମିକଙ୍କ ମୃତ୍ୟୁ

## ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା



**କାମାକ୍ଷାନଗର, ୨୫।୩ (ମହାଭାରତ) :** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରେକୁଲା ସତସଙ୍ଗ କେନ୍ଦ୍ର ସାମ୍ନାରେ ଏକ ଭୟାନକ ଦୁର୍ଘଟଣା ଘଟିଛି। ଏଥିରେ ରାସ୍ତାକାମରେ ନିୟୋଜିତ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ହାଇୱା ଧକ୍କା ଦେବା ଫଳରେ ରୋଲର ମେସିନରେ ଚାପି ହୋଇ ଏହି ଶ୍ରମିକମାନଙ୍କ ପ୍ରାଣହାନି ଘଟିଛି।

ଏହି ଦୁର୍ଘଟଣା ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହିତ ପ୍ରତ୍ୟେକ ମୃତ ଶ୍ରମିକଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତ। ଏହି ଦୁର୍ଘଟଣାରେ ଆହତ ହୋଇଥିବା ଶ୍ରମିକ ମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ

କାମାକ୍ଷାନଗର-ଢେଙ୍କାନାଳ ପୂର୍ତ୍ତ ବିଭାଗ ରାସ୍ତାର ରେକୁଲା ସତସଙ୍ଗ କେନ୍ଦ୍ର ସାମ୍ନାରେ ରାସ୍ତାରେ ପିଚୁ କାମ ହେଉଥିଲା। ଏଥିରେ ଶ୍ରମିକମାନେ ନିୟୋଜିତ ଥିବାବେଳେ ଶ୍ରମିକମାନଙ୍କୁ ଧକ୍କା ଦେଇଥିଲା ହାଇୱା। ଫଳରେ ଶ୍ରମିକମାନେ ନିକଟରେ ପିଚୁକୁ ରୋଲିଙ୍ଗ କରୁଥିବା ରୋଲର ମେସିନ ଓ ଏକ ବିଦ୍ୟୁତ ଖୁଣ୍ଟ ମଝିରେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କର ପରିଚୟ ମିଳିଛି। ସେ ହେଲେ ରେକୁଲା ଗାଁର କ୍ଷୀରୋଦ ସାହୁ। ଅନ୍ୟ ମୃତକଙ୍କର ପରିଚୟ ମିଳିପାରି ନାହିଁ । ଗ୍ରାମବାସୀଙ୍କ ତରଫରୁ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି। କାମାକ୍ଷାନଗରରୁ ଢେଙ୍କାନାଳ ରାସ୍ତା ଯାତାୟାତ ଠପ୍ ହୋଇଯାଇଛି। ରାସ୍ତାର ଉଭୟ ପଟେ ଗାଡ଼ିମୋଟର ଅଟକି ରହିଥିଲା।

# ଗଞ୍ଜେଇ ଚାଲାଣ କରି ୩ ଯବାନ ଗିରଫ

**ବୌଦ୍ଧ, ୨୫।୩ (ମହାଭାରତ) :** ଗଞ୍ଜେଇ ଚାଲାଣ ଅଭିଯୋଗରେ ୩ ଆଇଆରବି ଯବାନ ପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ବୌଦ୍ଧ ଜିଲ୍ଲା ମନମୁଣ୍ଡା ପୋଲିସ ବାରାକରେ ଚଢ଼ାଉ କରି ଏହି ୩ ଆଇଆରବି ଯବାନଙ୍କୁ ଗିରଫ କରାଯାଇଛି। ଏଥିସହ ୧୫କେଜିର ଗଞ୍ଜେଇ ମଧ୍ୟ ଜବତ ହୋଇଛି ।ବୌଦ୍ଧ ଜିଲ୍ଲାକୁ ଗଞ୍ଜେଇ ହବ୍ କୁହାଯାଉଥିବା ବେଳେ ଏବେ ଗଞ୍ଜେଇ ବେପାର ଉପରେ ଅଙ୍କୁଶ ଲଗାଇବା ପାଇଁ ଅଣ୍ଟା ଭିଡ଼ିଛି ପୋଲିସ। ଏହି ସବୁଜ ଜହର ବେପାରୀଙ୍କ ମଧ୍ୟରେ କିଛି ଅସାଧୁ ପୋଲିସ କର୍ମଚାରୀ ମଧ୍ୟ ସାମିଲ ଥିବା ଚର୍ଚ୍ଚା ହେଉଛି। ଦଲାଲଙ୍କ ସାହାଯ୍ୟରେ ହେଉଛି ଟଙ୍କା କାରବାର। ମନମୁଣ୍ଡା ଥାନା ଅଞ୍ଚଳରେ ଗଞ୍ଜେଇ କେସରେ ଥିବା ନାଁ କୁ କାଟି ଦେବା ନେଇ ଟଙ୍କା କାରବାର ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କିଛି କଲ ରେକର୍ଡିଂ ଭାଇରାଲ ହୋଇଛି। ମନମୁଣ୍ଡା ଥାନା ଅଧିକାରୀ ଗଞ୍ଜେଇ ସିଜର ଗାଡ଼ିକୁ ବ୍ୟବହାର କରିଥିବା ବି ଅଭିଯୋଗ ହୋଇଛି। ଆଇଆଇସି ତରୁଣ ତପନ ବେହେରା ଗଞ୍ଜେଇ ମାଫିଆ। ସହ ଟଙ୍କା ପାଇଁ ମୂଲ ଚାଲ କରୁଥିବାର ଅଡିଓ ଭାଇରାଲ ହୋଇଛି। ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଶ୍ୱବ୍ୟାପୀ ଫେସବୁକ୍-ଇନଷ୍ଟାଗ୍ରାମ ଡାଉନ୍

ନୂଆଦିଲ୍ଲୀ, ୨୫।୩: ମେଟାର ସୋସିଆଲ ମିଡିଆ। ପ୍ଲାଟଫର୍ମ ଫେସବୁକ୍ ଏବଂ ଇନଷ୍ଟାଗ୍ରାମରେ ମଙ୍ଗଳବାର ବ୍ୟାପକ ବିଭ୍ରାଟ ଦେଖାଦେଇଛି ଏହାକୁ ନେଇ ସାରା ବିଶ୍ୱର ବ୍ୟବହାରକାରୀମାନେ ଆପ୍ ଏବଂ ୱେବସାଇଟ୍ ଠିକ୍ ଭାବେ କାମ କରୁ ନ ଥିବା ଅଭିଯୋଗ କରିଛନ୍ତି ଅନେକେ ଫେସବୁକ୍‌ରେ ଲଗ୍ ଇନ୍ କରିବାରେ ସମସ୍ୟା ହେଉଥିବା କହୁଥିବା ବେଳେ ଅନ୍ୟମାନେ ଇନଷ୍ଟାଗ୍ରାମରୁ କମେଣ୍ଟ ଦୃଶ୍ୟମାନ ହେଉ ନ ଥିବା କହୁଛନ୍ତି ସେମାନେ ସୋସିଆଲ ମିଡିଆରେ ନିଜର ନିରାଶାକୁ ନେଇ ଦୃଷ୍ଟି ଆକର୍ଷଣ କରୁଛନ୍ତି ।ଇନଷ୍ଟାଗ୍ରାମ ଡାଉନ୍ ୫୦୦ରୁ ଅଧିକ ଆକାଉଣ୍ଟକୁ ପ୍ରଭାବିତ କରିଛି ଯେଉଁଥିରେ ୟୁଜର୍ସ ମନ୍ତବ୍ୟ ମାଧ୍ୟମରେ ପୋଷ୍ଟ ସହିତ ଯୋଗାଯୋଗ କରିପାରି ନ ଥିବା ଅଭିଯୋଗ କରିଛନ୍ତି। ଏହି ସମୟରେ ଫେସବୁକ ବ୍ୟବହାରକାରୀମାନେ ସେମାନଙ୍କର ଆକାଉଣ୍ଟ ଲଗ ଇନ କରିବାରେ ଏବଂ ଫିଡ୍‌ରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଗତ ୨୪ ଘଣ୍ଟା ମଧ୍ୟରେ ପ୍ଲାଟଫର୍ମଗୁଡ଼ିକରେ ଏଭଳି ସମସ୍ୟା ଜାରି ରହିଥିବା ବ୍ୟବହାରକାରୀମାନେ ଅଭିଯୋଗ ଆଣିଛନ୍ତି। ଫେସବୁକ ତୁଳନାରେ ଇନଷ୍ଟାଗ୍ରାମ ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ପରି ମନେ ହେଉଛି ନ୍ୟୁଜିକ ଦ୍ୱାରା କରାଯାଇଥିବା ରିପୋର୍ଟ ଅନୁସାରେ ମେଟା ଏପର୍ଯ୍ୟନ୍ତ ବିଭ୍ରାଟର କାରଣ କିମ୍ବା ସମାଧାନ ବ୍ୟାଖ୍ୟା କରି ବିବୃତ୍ତି ଜାରି କରିନା।

# କନଷ୍ଟେବଲ ନିଯୁକ୍ତି ପାଇଁ ବୟସ ସୀମା ୩ ବର୍ଷ କୋହଳ

**କଟକ, ୨୫।୩ (ମହାଭାରତ) :** ସିପାହି/କନଷ୍ଟେବଲ ପଦରେ ନିଯୁକ୍ତି ପାଇଁ ଆଶାୟୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୩ ବର୍ଷ କୋହଳ ହେବ। ଏଥି ସହିତ ନିଯୁକ୍ତି ପ୍ରକ୍ରିୟା ଉପରେ ରହିଥିବା ଅଦାଲତୀ ଅଙ୍କୁଶ ହଟିଛି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଅରିନ୍ଦମ ସିହ୍ନା ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏ ସଂପର୍କିତ ରିଟ୍ ଅପିଲର ଶୁଣାଣି ବେଳେ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ସଂକ୍ରାନ୍ତରେ ଅବଗତ କରାଯାଇଥିଲା।



ଏହି ପଦବି ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩ ବର୍ଷ କୋହଳ ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ମାମଲାର ପ୍ରତିପକ୍ଷ ପ୍ରାର୍ଥୀ ସମ୍ମତି ଜଣାଇଥିଲେ। ଏହାପରେ ସରକାରଙ୍କ ନିଷ୍ପତ୍ତିକୁ ବିଚାରକୁ ନେଇ ହାଇକୋର୍ଟ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ୩ ବର୍ଷ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଜଣିକିଅ। ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରାର୍ଥୀଙ୍କ ସର୍ବାଧିକ ବୟସସୀମା ୬ ବର୍ଷ କୋହଳ କରିବା ପାଇଁ ୨୦୨୪, ଡିସେମ୍ବର ୫ରେ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଦାୟର କରିଥିବା ରିଟ୍ ଅପିଲକୁ ହାଇକୋର୍ଟ ୨୦୨୪, ଡିସେମ୍ବର ୨୩ରେ ଗ୍ରହଣ କରି ଡିସେମ୍ବର ୫ର ରାୟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ।୨୦୨୪, ସେପ୍ଟେମ୍ବର ୨୨ର ନିଯୁକ୍ତି ବିଜ୍ଞପ୍ତି ଆଧାରରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯିବ ନାହିଁ ବୋଲି ହାଇକୋର୍ଟ ମାର୍ଚ୍ଚ ୧୩ରେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସିପାହି/କନଷ୍ଟେବଲ ପଦରେ ନିଯୁକ୍ତି ପ୍ରକ୍ରିୟା ଆଗେଇ ପାରୁ ନଥିଲା। ଓଡ଼ିଶା ପୁଲିସର ଓଏସଏପି, ଆଇଆର, ଏସଆଇଆର, ସ୍ପେଶାଲ ସିକ୍ୟୁରିଟି ବାଟାଲିଅନରେ ୧୩୬୦ଟି ସିପାହି/କନେଷ୍ଟବଲ ପଦ ପୂରଣ ପାଇଁ ଷ୍ଟେଟ ସିଲେକ୍ସନ ବୋର୍ଡ ପକ୍ଷରୁ ୨୦୨୪, ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୪, ଜାନୁଆରି ୧ରେ ପ୍ରାର୍ଥୀଙ୍କ ସର୍ବ ନିମ୍ନବୟସ ୧୮ ଓ ସର୍ବାଧିକ ୨୩ ବର୍ଷ ହୋଇଥିବ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା। ସଂରକ୍ଷିତ ବର୍ଗଙ୍କ ପାଇଁ ସର୍ବାଧିକ ବୟସ ସୀମା କୋହଳ ବ୍ୟବସ୍ଥା ରଖାଯାଇଥିବା ନେଇ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା।

# ନବୀନଙ୍କ ଦିଲ୍ଲୀ ଗସ୍ତ ନେଇ ରାଜନୈତିକ ଚର୍ଚ୍ଚା

**ଭୁବନେଶ୍ୱର, ୨୫।୩(ମହାଭାରତ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଦିଲ୍ଲୀ ଗସ୍ତକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ସେ କାହିଁକି ଦିଲ୍ଲୀ ଯାଇଥିଲେ ଏନେଇ କିଛି ସ୍ପଷ୍ଟ ହୋଇ ନ ଥିଲେ ବି ରାଜନୀତି ପାଣିପାଗ ଉଷ୍ମ ହୋଇଛି ।ଏନେଇ ବିଜେଡିର ବରିଷ୍ଠ ନେତାମାନେ ମଧ୍ୟ କିଛି ପ୍ରତିକ୍ରିୟା ଦେଉନାହାନ୍ତି ।ସବୁଠାରୁ ବଡ଼କଥା ହେଉଛି ନବୀନଙ୍କ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଯିବା କିଛି ରାଜନୈତିକ ସମୀକରଣକୁ ଇଙ୍ଗିତ କରୁଥିବା ରାଜନୈତିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

ଏହାରି ଭିତରେ ରାଜନୀତିରୁ ସନ୍ୟାସ ନେବା ପରେ ଏବେ ଭିକେ ପାଣ୍ଡିଆନଙ୍କୁ ନେଇ ଓଡ଼ିଶା ରାଜନୀତିରେ ନୂଆ। ଚର୍ଚ୍ଚା ଆରମ୍ଭ ହୋଇଛି। କୁହାଯାଉଛି ସେ କୁଆଡେ ସବୁଦିନ ପାଇଁ ଓଡ଼ିଶା ଛାଡିଦେବେ। ବିଦେଶରୁ ଆସିଛି ଅଫର, ଚାକିରି ପାଇଁ ପାଣ୍ଡିଆନ ପଳାଇବେ ବୋଲି ବିଭିନ୍ନ ଗଣମାଧ୍ୟମରେ ଏବେ ଖବର ସାମ୍ନାକୁ ଆସିଛି। ଏମତିକି ଶେଷଥର ପାଇଁ ବିଜେଡିର ବରିଷ୍ଠ ନେତାଙ୍କ ସହ କୁଆଡେ ନିଜର ମନକଥା ବାଣ୍ଟୁଛନ୍ତି ପାଣ୍ଡିଆନ ।ଏହା କେତେ ଦୂର ସତ ତାହା ଜଣାପଡି ନ ଥିଲେ ବି ପାଣ୍ଡିଆନଙ୍କୁ ନେଇ ଏମିତି ଏକ ଚର୍ଚ୍ଚା ଏବେ ଓଡ଼ିଶା ରାଜନୀତିରେ ଚହଳ ପକେଇଛି ।ତେବେ ପାଣ୍ଡିଆନ ଯଦି ସତରେ ଓଡ଼ିଶା ଛାଡୁଛନ୍ତି ଏହା ପଛର କାରଣ କଣ ହୋଇପାରେ ? ଦଳ ଭିତରେ ବିରୋଧ ନା ବଡ଼ ଚାକିରିର ଅଫର୍ ?।



ତେବେ ନବୀନ ଦିଲ୍ଲୀ ଯିବା ଆଉ ପାଣ୍ଡିଆଙ୍କୁ ବିଦେଶରୁ ଚାକିରି ଅଫର୍ ଆସିବା ଚର୍ଚ୍ଚା ଏବେ ରାଜ୍ୟ ରାଜନୀତିକୁ ହଲଚଲ କରିଛି। ଏନେଇ ବିଜୟ ମହାପାତ୍ର ବଡ଼ ବୟାନ ଦେଇଛନ୍ତି ସେ କହିଛନ୍ତି, ନବୀନ ଦିଲ୍ଲୀ କାହିଁକି ଯାଇଛନ୍ତି ନବୀନ ବାବୁ ହିଁ କହିପାରିବେ। ସେହିପରି ଉତ୍ତରାଧିକାରୀ ପ୍ରସଙ୍ଗରେ ବିଜୟ କହିଛନ୍ତି, ନବୀନଙ୍କ ପରିବାରରୁ ବିଜେଡି ରାଜନୀତିକୁ ଆସିବା ସମ୍ଭାବନା କମ। ପୁତୁରା ଅରୁଣ ଓ ଝିଆରୀ ଗାୟତ୍ରୀ ମଧ୍ୟ ନେତୃ ନେଇପାରିବେ ନାହିଁ। ପରିବାରରେ କେହି ବିଜେଡିର ନେତୃ ନେଲା ଭଳି ନାହାନ୍ତି ଦଳରେ ଯାହା ଚାଲିଛି, ବାହାରକୁ ଜଣାପଡୁଛି ଠିକ ଠାକ ନାହିଁ ବୋଲି ବିଜୟ କହିଛନ୍ତି।

ନବୀନ ପଟ୍ଟନାୟକଙ୍କ ଦିଲ୍ଲୀ ଗସ୍ତକୁ ନେଇ ଅରୁଣ ସାହୁ ତାଙ୍କ ପ୍ରତିକ୍ରିୟା ରଖିଛନ୍ତି ଏହା ସଂପୂର୍ଣ୍ଣ ବ୍ୟକ୍ତିଗତ ବୋଲି ଅରୁଣ ଅରୁଣ କହିଛନ୍ତି। ଏବେ କୌଣସି ରାଜନୈତିକ ସମୀକରଣ ହେବାର ନାହିଁ ।ରାଜନୈତିକ ଆଲୋଚନା ହେଲେ ସମସ୍ତେ ଜାଣିବେ ବୋଲି ଅରୁଣ କହିଛନ୍ତି। ଦିଲ୍ଲୀରେ ନବୀନ ବାବୁଙ୍କ ଘର ଅଛି ବହୁ ଦିନ ହେବ ଯାଇନଥିଲେ। ଏବେ ଗଲେ ବୋଲି ଅରୁଣ କହିଛନ୍ତି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏବଂ ଦ୍ରାବିଡ ମୁନେତ୍ର କାଝାଗମ (ଡିଏମକେ) ସଭାପତି ଏମ.କେ. ଷ୍ଟାଲିନଙ୍କ ନେତୃତ୍ୱରେ ସୀମା ନିର୍ଦ୍ଧାରଣ ଉପରେ ମିଳିତ କାର୍ଯ୍ୟ କମିଟି ()ର ପ୍ରଥମ ବୈଠକ ଶନିବାର ଚେନ୍ନାଇରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଅଧ୍ୟକ୍ଷତା କରି, ଏମ.କେ. ଷ୍ଟାଲିନ କହିଛନ୍ତି ଯେ ନିରପେକ୍ଷ ସୀମା ନିର୍ଦ୍ଧାରଣ ଉପରେ ମିଳିତ କାର୍ଯ୍ୟ କମିଟି ବୈଠକରେ ଆମ ସହିତ ଯୋଗ ଦେଇଥିବା କେରଳ, କର୍ଣାଟକ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ପଞ୍ଜାବର ନେତାମାନଙ୍କୁ ମୁଁ ହୃଦୟର ସହିତ ସ୍ୱାଗତ କରୁଛି ।ଆମେ ସୀମା ନିର୍ଦ୍ଧାରଣ ବିରୋଧରେ ନୁହଁ, ଆମେ ନିରପେକ୍ଷ ସୀମା ନିର୍ଦ୍ଧାରଣର ସପକ୍ଷରେ କର୍ତ୍ତୃ ପ୍ରତିଷ୍ଠା ପାଇଁ ନିରନ୍ତର ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ମ୍ୟୁନିସିପାଲିଟି ବାବୁଙ୍କର ୧୧ ପ୍ଲଟ, ୩ ଫ୍ଲାଟ

**ଭୁବନେଶ୍ୱର,୨୫।୩ (ମହାଭାରତ):** ଜଟଣୀ ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ ନାରାୟଣ ପାଟ୍ଟଯୋଶୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରାଯାଇ ନଗଦ ୧୭ ଲକ୍ଷ ଟଙ୍କା ଜବତ ହୋଇଛି। ଏଥିସହିତ ତାଙ୍କର ୧୧ଟି ପ୍ଲଟ ଓ ୩ଟି ଫ୍ଲାଟ ମିଳିଛି। କେବଳ ଭୁବନେଶ୍ୱର ଠାରେ ଥିବା ଏକ ଫ୍ଲାଟରୁ ନଗଦ ୧୭ ଲକ୍ଷ ଟଙ୍କା ଜବତ ହେବା ସହିତ ଅନ୍ୟାନ୍ୟ ସ୍ଥାନୀରେ ଚଢ଼ାଉ ଜାରି ରହିଛି।

ତାଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା ।ଏହାପରେ ଭିଜିଲାନ୍ସ ଟିମ୍ ଆଜି ବ୍ରହ୍ମପୁର, ଖୋର୍ଦ୍ଧା ସମେତ ଏକକାଳୀନ ୯ଟି ସ୍ଥାନରେ ଚଢାଉ ଜାରି ରଖିଛି । ଜଟଣୀ ପୌରପାଳିକାର କୋଟିପତି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣିଙ୍କ ଘରୁ ମିଳୁଛି ବିଡ଼ାବିଡ଼ା ଟଙ୍କା। ବାବୁଙ୍କ ଟଙ୍କା ଦେଖି ଭିଜିଲାନ୍ସ ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେମାନେ ଟଙ୍କା ଗଣି ଗଣି ହାଲିଆ ହୋଇଯିବା ପରେ ଟଙ୍କା ଗଣା ମେସିନ ଆସି ଟଙ୍କା ଗଣତି କରାଯାଇଥିଲା।

ପାଟ୍ଟଯୋଶୀଙ୍କର ଭୁବନେଶ୍ୱର ସ୍ଥିତ ଜାଗମରା, ଖାରବେଳନଗର, ଡେଲ୍ଟା ସ୍କୋୟାରରେ ୩ଟି ଫ୍ଲାଟ୍, ଭୁବନେଶ୍ୱର ଓ ବ୍ରହ୍ମପୁରରେ ୧୧ଟି ପ୍ଲଟ୍, ୧୫୦ ଗ୍ରାମ ସୁନା, ଗୋଟିଏ ଚାରି ଚକିଆ। ଯାନ ଓ ୨୦ଟି ବ୍ୟାଙ୍କ ଆକାଉଣ୍ଟ ସହ ପୋଷ୍ଟାଲ ଜମା ଥିବା ଜଣାପଡ଼ିଛି।

ଆଜି ସକାଳେ ପାଟ୍ଟଯୋଶୀଙ୍କ ପୈତୃକ ଗାଁ ଗଂଜାମ ଜିଲ୍ଲା ସୋରଡାର ତିନିଟି ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏଥିସହ ଜଟଣୀ ପୌରପରିଷଦ କାର୍ଯ୍ୟାଳୟରେ ବି ଚଢ଼ାଉ କରିଛି ଭିଜିଲାନ୍ସ। ଭୁବନେଶ୍ୱର ଓ ବ୍ରହ୍ମପୁର ସ୍ଥିତ ବାସଭବନରେ ତଲାସି ଚାଲିଛି। ଏହି ଚଢାଉରେ ୯ ଜଣ ଡିଏସପି, ୪ ଜଣ ଇନ୍ସପେକ୍ଟର, ୧୩ ଜଣ ଏଏସ୍ଆଇ ସାମିଲ ହୋଇଛନ୍ତି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଇଥିଲା।

## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





ଖବର

# ୩୦ ତାରିଖରେ ପ୍ରସାରଣ ହେବ 'ଅଜବ ଏ ପ୍ରେମ କାହାଣୀ'



ସମୟ ସହିତ ଓଡ଼ିଆ ସିନେମାର ଲୋକପ୍ରିୟତା ଦିନକୁ ଦିନ ବଢ଼ିବାରେ ଲାଗିଛି । ଓଡ଼ିଶାର ଘରେ ଘରେ ପରିଚିତ ଲୋକଙ୍କର ମନପସନ୍ଦର ଚ୍ୟାନେଲ୍ ଜୀ ସାର୍ଥକ ଗୋଟିଏ ପରେ ଗୋଟିଏ ନିଛକ କାହାଣୀ ନିଜ ଦର୍ଶକଙ୍କୁ ଭେଟି ଦେଉଛି ଯ ଆସନ୍ତା ୩୦ ମାର୍ଚ୍ଚ ସନ୍ଧ୍ୟା ୬:୩୦ ମିନିଟରେ ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର 'ଅଜବ ଏ ପ୍ରେମ କାହାଣୀ'କୁ ଦେଖିବାକୁ ପାଇବେ ସିନେପ୍ରେମୀ।

ଏସ.ପି.ପି ପ୍ରଡକ୍ସନ ବ୍ୟାନର ଦ୍ୱାରା କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ରାଶେଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଅଜବ ଏ ପ୍ରେମ କାହାଣୀ' ଆସନ୍ତା ମାର୍ଚ୍ଚ ୩୦ ତାରିଖ ରବିବାର ସନ୍ଧ୍ୟା ୬.୩୦ ମିନିଟରେ ଦେଖିବାକୁ ମିଳିବ । ମୁଖ୍ୟ ନାୟକ ଭାବରେ ଶ୍ରୀଜିତ ମହାପାତ୍ର ଓ ନାୟିକା ଭାବରେ ଭକ୍ତି ପଟ୍ଟନାୟକ ଏଥିରେ ନଜର ଆସିବେୟ ସିନେମାରେ ସଂଗୀତ ଦାୟିତ୍ୱ ଗୁଡଲି ରଥ ସମ୍ଭାଳିଥିବା ବେଳେ ଲିପ୍ସା ମହାପାତ୍ର, ବିଷ୍ଣୁ ମୋହନ କବି, ଲୋପାମୁଦ୍ରା ଦାସ ଓ ରୁପେଶ ପାତ୍ର କଣ୍ଠଦାନ କରିଛନ୍ତି।ଗୀତ ରଚନା କରିଛନ୍ତି ସୂର୍ଯ୍ୟ ମହାପାତ୍ର ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡାୟଚଳଚ୍ଚିତ୍ରର କାହାଣୀ ଗୌରବଠୁ ଆରମ୍ଭ, ନିଜ ଜୀବନର ନୂଆ ଯାତ୍ରା ଆରମ୍ଭ କରିବା ପାଇଁ ସେ ଭୁବନେଶ୍ୱର ଚାଲି ଆସେ ଓ ଏମିତି ଏକ ଘର ଭଡ଼ା ନିଏ ଯାହା ୪ ବର୍ଷ ହେବ ବନ୍ଦ ପଡ଼ିଥିଲା । ସେହି ଘରେ ରହିବ ଭିତରେ ଗୌରବର ଦେଖା ହୋଇଥାଏ ସ୍ମିତା ସହ, ଆଉ ଗୌରବର ଜୀବନରେ ଘଟିଥାଏ କିଛି ଅଲୌକିକ ଘଟଣା ଧିରେ ଧିରେ ଘରେ ଘଟୁଥିବା ଏମିତି କିଛି ଘଟଣାରୁ ଗୌରବକୁ ସ୍ମିତାର ଅତୀତ ବିଷୟରେ ଜଣା ପଡ଼େ। ଗୌରବ ଓ ସ୍ମିତାର ଏହି ଯାତ୍ରାରେ କଣ କଣ ସବୁ ରୋଚକ ଘଟଣା ଘଟୁଛି ତାହା ସମ୍ପୂର୍ଣ୍ଣ ଫିଲ୍ମ ଦେଖିଲେ ହିଁ ଜାଣିପାରିବେ। ତେବେ ଫିଲ୍ମକୁ ମାର୍ଚ୍ଚ ୩୦ ତାରିଖ ରବିବାର ସନ୍ଧ୍ୟା ୬.୩୦ ମିନିଟରେ ଦେଖିବା ସହିତ ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ।

## ମହାଦେବଙ୍କ ବରଦାନ

ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର



ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

# ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'

ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ



ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?

**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

♦ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

♦ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

♦ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

♦ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

♦ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

♦ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

# ଶିବଙ୍କ ସବୁ ରୂପ ଭକ୍ତଙ୍କ ପାଇଁ କଲ୍ୟାଣକାରୀ

ଶିବଙ୍କ ସବୁ ରୂପ ଭକ୍ତଜନଙ୍କ ପାଇଁ କଲ୍ୟାଣକାରୀ । ମହାଦେବ ଏହି ସମସ୍ତ ରୂପରେ ପୂଜନୀୟ ଏବଂ ଜୀବନ ପାଇଁ ଏକ ଭିନ୍ନ ବାର୍ତ୍ତା ଦେଇଥାନ୍ତି ।

ଅର୍ଦ୍ଧନାରୀଶ୍ୱର ରୂପ : ଭଗବାନ ଶିବଙ୍କ ଏହି ରୂପରେ ତାଙ୍କ ଶରୀରର ଗୋଟିଏ ଭାଗ ନର ଏବଂ ଅନ୍ୟ ଭାଗଟି ନାରୀ ଅର୍ଥାତ୍ ମାତା ପାର୍ବତୀଙ୍କ ରୂପରେ ଦେଖିବାକୁ ମିଳିଥାଏ । ଦୁହେଁ ସ୍ପଷ୍ଟ ରୂପରେ ଗୋଟିଏ ପ୍ରତିମା । ଏହି ରୂପରେ ଶିବଙ୍କୁ ପୂଜା କଲେ ମାତା ପାର୍ବତୀଙ୍କୁ ପୂଜିବାର ଫଳ ମଧ୍ୟ ମିଳିଯାଇଥାଏ ।

ପଞ୍ଚମୁଖୀ ଶିବ : ଭଗବାନଙ୍କ ଏହି ରୂପରେ ୫ଟି ମୁଖମଣ୍ଡଳ ରହିଛି । ଏଥିରେ ପ୍ରଥମ ମୁଖ ଊର୍ଦ୍ଧ୍ୱମୁଖୀ ହୋଇଥିବା ବେଳେ ଏହାର ରଙ୍ଗ ଲାଲ୍ ହୋଇଥାଏ । ଦ୍ୱିତୀୟ ମୁଖ ପୂର୍ବ ଦିଗକୁ ରହିଥିବା ବେଳେ ଏହାର ରଙ୍ଗ ହଳଦିଆ ହୋଇଥାଏ । ନୀଳ ରଙ୍ଗର ତୃତୀୟ ମୁଖ ଦକ୍ଷିଣ ଆଡ଼କୁ ରହିଥାଏ । କହରା ରଙ୍ଗର ଚତୁର୍ଥ ମୁଖ ପଶ୍ଚିମ ଦିଗକୁ ରହିଥାଏ। ପଞ୍ଚମ ମୁଖ ଉତ୍ତର ଦିଗକୁ ରହିଥାଏ ଯାହାର ରଙ୍ଗ ସମ୍ପୂର୍ଣ୍ଣ ଲାଲ। ଏହି ସମସ୍ତ ମୁଖ ଉପରେ ଶିବଙ୍କ ଜଟାରେ ଚନ୍ଦ୍ରମା ଶୋଭା ପାଇଥାନ୍ତି । ସମସ୍ତ ୫ମୁଖର ଅଦ୍ଭୁତ ଆଭା ପ୍ରକଟ ହୋଇଥାଏ। ଏହି ୫ଟି ମୁଖକୁ ପୂଜା କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ।



ମହାମୃତ୍ୟୁଞ୍ଜୟ : ଭଗବାନଙ୍କ ଏହି ରୂପକୁ ଦେଖି ମୃତ୍ୟୁ ମଧ୍ୟ ଡରିଯାଇଥାଏ । ତାଙ୍କର ଏହି ରୂପକୁ ଧ୍ୟାନ କରି ମୃତ୍ୟୁ ଉପରେ ମଧ୍ୟ ବିଜୟ ପ୍ରାପ୍ତ କରି ହୋଇଥାଏ। ଏହି ରୂପର ସ୍ତୁତି କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ୧ ଲକ୍ଷ ୨୦ ହଜାର ଥର ଜପ କଲେ ଅସାଧ୍ୟ ରୋଗରୁ ମୁକ୍ତି ମିଳିଥାଏ ତଥା ଅକାଳ ମୃତ୍ୟୁ ଯୋଗରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ନୀଳକଣ୍ଠ : ଶିବଙ୍କ ଏହି ରୂପରେ ଭଗବାନଙ୍କ କଣ୍ଠ ଅର୍ଥାତ୍ ଗଳା ନୀଳ ରଙ୍ଗ ହୋଇଥାଏ । ଥରେ ଭଗବାନ ଶିବ ବିଷ ପିଇଦେଇଥିଲେ, ଫଳରେ ତାଙ୍କର ସମସ୍ତ କଣ୍ଠ ନୀଳ ହୋଇଗଲା। ଭଗବାନଙ୍କ ଏହି ରୂପରେ ତାଙ୍କ ମୁଖରେ ଅତ୍ୟଧିକ ତେଜ ପରିବ୍ୟାପ୍ତ ଥାଏ। ଯାହାର ତୁଳନା ହଜାର ହଜାର ସୂର୍ଯ୍ୟଙ୍କ ତେଜ ସହିତ କରାଯାଇପାରେ ।

ନଟରାଜ : ଭଗବାନଙ୍କର ଏହା ରୌଦ୍ରରୂପ । ଏହି ରୂପରେ ଭଗବାନ ନୃତ୍ୟ ମୁଦ୍ରାରେ ଥାଆନ୍ତି । ସେ ଯୁଦ୍ଧ ସମୟରେ ଏହି ନୃତ୍ୟ କରିଥିଲେ। ଏହାକୁ ତାଣ୍ଡବ ନୃତ୍ୟ ବୋଲି ମଧ୍ୟ କହିଥାନ୍ତି । ଏଥିରେ ଭଗବାନଙ୍କ ଜଟା ଖୋଲି ରହିଥାଏ। ତଥା ତାଙ୍କ ମୁଖମଣ୍ଡଳରେ କ୍ରୋଧରେ ଲାଲ୍ ପଡ଼ିଯାଇଥାଏ।



# ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା

ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ୍ୟ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ ।



ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

# ସ୍ୱୟଂ ସହାୟିକାଙ୍କ ଜୀବିକାକୁ ସୁଦୃଢ ପାଇଁ ବୁଝାମଣା

**ଭୁବନେଶ୍ୱର,୨୪।୩ (ମହାଭାରତ):** ଭୁବନେଶ୍ୱରର ଲୋକସେବା ଭବନରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଥମଟି ଓଡ଼ିଶାର ଢେଙ୍କାନାଳସ୍ଥିତ ଗୋବିନ୍ଦପୁରରେ ସମନ୍ୱିତ ପ୍ୟାକ୍ ହାଉସର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଶୀର୍ଷକ ପ୍ରକଳ୍ପ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଏବଂ ମନୋନୀତ ପରିଚାଳନା ସଂସ୍ଥା, କୋଲ୍ଡ ଚେନ୍ ସଲ୍ୟୁସନ୍ସ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବାବେଳେ ଦ୍ୱିତୀୟଟି ଓଡ଼ିଶାରେ କୃଷି ଉତ୍ପାଦନ ପୁଞ୍ଜି ପ୍ରୋତ୍ସାହନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ଜୀବିକାକୁ ସୁଦୃଢ଼ କରିବା ଶୀର୍ଷକ ପ୍ରକଳ୍ପ ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମିଶନ ଶକ୍ତି, ଏବଂ ପ୍ରଦାନ ନାମକ ସ୍ୱେଚ୍ଛାସେବୀ ସଂଗଠନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏହି ବୁଝାମଣାପତ୍ର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି।




ଓଡିଶାର ଆଦିବାସୀ ବହୁଳ ଅଞ୍ଚଳରେ, କୃଷି କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୃଷକମାନଙ୍କର ଆୟକୁ ସ୍ଥାୟୀ ଭାବରେ ଦ୍ୱିଗୁଣିତ କରିବାର ଉଦ୍ଦେଶ୍ୟ ନେଇ କୃଷି ଉତ୍ପାଦନ ପୁଞ୍ଜି (ଏପିସି) କୁ ଆରମ୍ଭ କରାଯାଇଥିଲା। ମିଶନ ଶକ୍ତି ବିଭାଗ ୧୨ ଜୁନ ୨୦୨୦ରେ ଏକ ଅତିରିକ୍ତ ଏମଓୟୁ ସ୍ୱାକ୍ଷର କରି ଏପିସି ପ୍ରକଳ୍ପରେ ସାମିଲ ହୋଇଥିଲା, ଯାହା ଉତ୍ପାଦକ ଗୋଷ୍ଠୀ (ପିଜି) ଏବଂ ଉତ୍ପାଦକ କମ୍ପାନୀ (ପିସି) ଗୁଡିକୁ ସୁଦୃଢ କରୁଅଛି। ବର୍ତ୍ତମାନ, ମିଶନ ଶକ୍ତି ୧୪ଟି ଜିଲ୍ଲାର ୭୩ଟି ଏପିସି ବ୍ଲକରେ ୧,୧୮୧ଟି ପିଜି ଏବଂ ୬୩ଟି ପିସିକୁ ସୁଦୃଢ କରିବା ପାଇଁ ସହଯୋଗ କରୁଅଛି। ନୂତନ ଭାବରେ ସ୍ୱାକ୍ଷରିତ ଏହି ଏମଓୟୁ ୯ଟି ଜିଲ୍ଲା (ବଲାଙ୍ଗୀର, ଢେଙ୍କାନାଳ, ଝାରସୁଗୁଡ଼ା, କନ୍ଧମାଳ, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଏବଂ କୋରାପୁଟ) ଓ ୨ଟି ନୂତନ ଜିଲ୍ଲା (ଦେଓଗଡ଼ ଏବଂ ନବରଙ୍ଗପୁର) ସମେତ ୧୧ଟି ଜିଲ୍ଲାର ୨୭ଟି ବ୍ଲକରେ ୬୯୫ଟି ପିଜି ଏବଂ ୨୭ଟି ପିସିକୁ ସହଯୋଗ ପ୍ରଦାନ କରି ଏପିସି ମଡେଲକୁ ଆହୁରି ସୁଦୃଢ଼ କରିବ। ମିଶନ ଶକ୍ତି ବିଭାଗ ଦ୍ୱାରା ୬୨.୦୫୮ କୋଟି ଟଙ୍କା ଅନୁମାନିତ ବଜେଟ ସହିତ, ଏହି ସ୍ଥାୟୀ ଜୀବିକା ପଦକ୍ଷେପ ୬୯୫ଟି ପିଜି ଅଧୀନରେ ପ୍ରାୟ ୮୩,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସଦସ୍ୟାଙ୍କୁ ବୈଷୟିକ ତାଲିମ ଏବଂ ସହାୟତା ପ୍ରଦାନ କରିବ। ଏପିସି ପଦକ୍ଷେପ ଅଧୀନରେ, ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ, ମିଶନ ଶକ୍ତି ବିଭାଗ, ଓଡିଶା ଜୀବିକା ମିଶନ (ଓଏଲଏମ), ଓଡିଶା ଉଠା ଜଳସେଚନ ନିଗମ (ଓଏଲଆଇସି), ଓଡିଶା କୃଷି ଶିଳ୍ପ ନିଗମ (ଓଏଆଇସି), ଓଡିଶା କୃଷି ପ୍ରଚାର ଏବଂ ନିବେଶ ନିଗମ ଲିଃ (ଏପିଆଇସିଓଏଲ), ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ। ବର୍ଗ କଲ୍ୟାଣ ବିଭାଗ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ବିଭାଗଗୁଡ଼ିକ ସମେତ ବିଭିନ୍ନ ସରକାରୀ ବିଭାଗଗୁଡ଼ିକର ପ୍ରଚଳିତ ଯୋଜନାଗୁଡ଼ିକ ଏହି ଅଞ୍ଚଳଗୁଡ଼ିକରେ କୃଷକମାନଙ୍କ ପାଇଁ ଜୀବନ ଜୀବିକାର ଭିତ୍ତିଭୂମି ବିକାଶ କରିବାକୁ ଏକତ୍ରିତ କରାଯାଉଛି।

# ଡିସେମ୍ବରରେ ସେମିକଣ୍ଡକ୍ଟର ଉତ୍ପାଦନ

**ଭୁବନେଶ୍ୱର,୨୪।୩ (ମହାଭାରତ):** ପ୍ରଯୁକ୍ତିବିଦ୍ୟା ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ଡିସେମ୍ବର ୨୦୨୫ ସୁଦ୍ଧା ଏହାର ପ୍ରଥମ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଆରମ୍ଭ କରିବାକୁ ଯାଉଛି। ଗବେଷଣା ଏବଂ ବିକାଶ କମ୍ପାନିଗୁଡ଼ିକର ସହଯୋଗରେ ପ୍ରତିଷ୍ଠିତ ଏହି ୟୁନିଟ୍ ଇନଫୋ ଭ୍ୟାଲିରେ ୨,୦୦୦ ବର୍ଗଫୁଟ ସ୍ଥାନ ଅଧିକାର କରିବ। ବିଧାନସଭା ଅଧିବେଶନ ସମୟରେ ବିଧାୟକ ଅମରେନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ଐତିହାସିକ ସୂଚନା ପ୍ରଦାନ କରିଛନ୍ତି।



ମେକ୍ ଇନ୍ ଓଡ଼ିଶା ପଦକ୍ଷେପ ଅଧୀନରେ ରାଜ୍ୟ ସରକାର ଓଡ଼ିଶାକୁ ଆଇଟି ଏବଂ ସେମିକଣ୍ଡକ୍ଟର ଶିଳ୍ପର ଏକ ପ୍ରମୁଖ ହବ୍ ଭାବରେ ସ୍ଥାନିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମୋଟ ୩୦ଟି ଆଇଟି ପ୍ରକଳ୍ପ ପାଇପଲାଇନରେ ଅଛି, ଯାହା ପ୍ରାୟ ୩୪,୩୨୧ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହା ସହିତ, ଆଇଟି ଭିତ୍ତିଭୂମିର ବର୍ଦ୍ଧିତ ଚାହିଦାକୁ ପୂରଣ କରି କୋରାପୁଟ ଏବଂ କେଉଁଝରରେ ଡାଟା ସେଣ୍ଟର ପ୍ରତିଷ୍ଠା ପାଇଁ ଯୋଜନା ଚାଲିଛି। ପୁରୀରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ମଧ୍ୟ ସ୍ୱାଗତ କରିବାକୁ ଯାଉଛି। ଏହି ଘୋଷଣା ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ମାଧ୍ୟମରେ ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି।

# ଗୁଣିଗାରେଡ଼ି ପାଇଁ ୩୮୭ ଗିରଫ

**ଭୁବନେଶ୍ୱର,୨୪।୩ (ମହାଭାରତ):** ଗତ ପାଞ୍ଚ ବର୍ଷ ମଧ୍ୟରେ ଗୁଣିଗାରେଡ଼ି ସନ୍ଦେହ ମାମଲାରେ ମୋଟ ୩୮୭ ଜଣଙ୍କୁ ଗିରଫ କରାଯାଇଛି ବୋଲି ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ୨୦୨୦, ୨୦୨୧ ଏବଂ ୨୦୨୨ରେ ଘଟିଥିବା ଏଭଳି ମାମଲା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି ଯେ ଓଡ଼ିଶା ୱିଚ୍ ହଣ୍ଟିଂ ନିବାରଣ ଆଇନ, ୨୦୧୩ ଅନୁଯାୟୀ, ୨୦୨୪ ମସିହାରେ ୱିଚ୍ ପ୍ରଥା ସହିତ ଜଡିତ ୬୨ଟି ମାମଲା ପଞ୍ଜିକୃତ ହୋଇଥିଲା, ଯାହା ଫଳରେ ଏହି ମାମଲାରେ ୪୮ ଜଣଙ୍କୁ ଗିରଫ କରାଯାଇଥିଲା।

୨୦୨୩ ମସିହାରେ, ସମାନ ଆଇନ ଅନ୍ତର୍ଗତ ୭୦ଟି ମାମଲା ରିପୋର୍ଟ ହୋଇଥିଲା। ୪୪ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୦ ରୁ ୨୦୨୪ ମଧ୍ୟରେ ଓଡ଼ିଶାରେ ମାମଲାରେ ପ୍ରାୟ ୩୫% ହ୍ରାସ ଘଟିଛି।

୨୦୨୦ ମସିହାରେ ୯୫ଟି ଗୁଣିଗାରେଡ଼ି ସନ୍ଦେହ ମାମଲା ପଞ୍ଜିକୃତ ହୋଇଥିବା ବେଳେ ୯୬ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୧ ମସିହାରେ ଏହି ସଂଖ୍ୟା ୭୯କୁ ହ୍ରାସ ପାଇ ୧୦୩ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୨ ମସିହାରେ ୧୦୨ଟି ମାମଲା ପଞ୍ଜିକୃତ ହୋଇଥିଲା ଏବଂ ୮୯ ଜଣଙ୍କୁ ଗିରଫ କରାଯାଇଥିଲା। ୨୦୨୩ ଏବଂ ୨୦୨୪ ମସିହାରେ ଏହି ମାମଲା ୭୦ ଏବଂ ୬୨କୁ ହ୍ରାସ ପାଇ ଯଥାକ୍ରମେ ୫୨ ଏବଂ ୪୮ ଜଣଙ୍କୁ ଗିରଫ କରାଯାଇଥିଲା।

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ୨୦୨୦-୨୪ ବର୍ଷରେ ସର୍ବାଧିକ ଗୁଣିଗାରେଡ଼ି ସନ୍ଦେହ ମାମଲା ରେକର୍ଡ କରାଯାଇଛି। ୨୦୨୦ରେ ୩୫ଟି, ୨୦୨୧ରେ ୨୮ଟି, ୨୦୨୨ରେ ୪୦ଟି ଏବଂ ୨୦୨୩ ଓ ୨୦୨୪ରେ ଯଥାକ୍ରମେ ୨୬ ଓ ୧୬ଟି ମାମଲା ଘଟିଛି।

ମାମଲା ହ୍ରାସ ପାଇବାର କାରଣ ହେଉଛି ଓଡ଼ିଶା ଗୁଣିଗାରେଡ଼ି ସନ୍ଦେହ ମାମଲା ନିବାରଣ ଆଇନ। ୨୦୧୩ ବିଷୟରେ ସଚେତନତା ବୃଦ୍ଧି କରାଯାଇଛ। ଯାହା ଆଦିବାସୀମାନଙ୍କୁ ଗୁଣିଗାରେଡ଼ି ସନ୍ଦେହରୁ ସୁରକ୍ଷା ପ୍ରଦାନ କରିଛି।

ଚଳିତ ବର୍ଷ ଆରମ୍ଭରେ, ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷି ପୁଲିସ ସୀମା ଅନ୍ତର୍ଗତ ତାଙ୍କ ଗାଁରେ ଜଣେ ୬୦ ବର୍ଷୀୟ ଆଦିବାସୀ ବ୍ୟକ୍ତିଙ୍କ ପରିବାରକୁ ଗୁଣିଗାରେଡ଼ି ସନ୍ଦେହ ମାମଲାରେ ମାସ ମାସ ଧରି ସାମାଜିକ ବାସନ୍ଦର ସମ୍ମୁଖୀନ ହେବାକୁ ପଡିଥିଲା।

# ସ୍ୱୟଂ ସହାୟିକାଙ୍କ ଜୀବିକାକୁ ସୁଦୃଢ ପାଇଁ ବୁଝାମଣା

**ଭୁବନେଶ୍ୱର,୨୪।୩ (ମହାଭାରତ):** ଭୁବନେଶ୍ୱରର ଲୋକସେବା ଭବନରେ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଥମଟି ଓଡ଼ିଶାର ଢେଙ୍କାନାଳସ୍ଥିତ ଗୋବିନ୍ଦପୁରରେ ସମନ୍ୱିତ ପ୍ୟାକ୍ ହାଉସର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଶୀର୍ଷକ ପ୍ରକଳ୍ପ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଏବଂ ମନୋନୀତ ପରିଚାଳନା ସଂସ୍ଥା, କୋଲ୍ଡ ଚେନ୍ ସଲ୍ୟୁସନ୍ସ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବାବେଳେ ଦ୍ୱିତୀୟଟି ଓଡ଼ିଶାରେ କୃଷି ଉତ୍ପାଦନ ପୁଞ୍ଜି ପ୍ରୋତ୍ସାହନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟଙ୍କ ଜୀବିକାକୁ ସୁଦୃଢ଼ କରିବା ଶୀର୍ଷକ ପ୍ରକଳ୍ପ ପାଇଁ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ମିଶନ ଶକ୍ତି, ଏବଂ ପ୍ରଦାନ ନାମକ ସ୍ୱେଚ୍ଛାସେବୀ ସଂଗଠନ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣାପତ୍ର ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଏବଂ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଛି।



ଓଡିଶାର ଆଦିବାସୀ ବହୁଳ ଅଞ୍ଚଳରେ, କୃଷି କ୍ଷେତ୍ରରେ ଅଭିବୃଦ୍ଧି ଆଣିବା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୃଷକମାନଙ୍କର ଆୟକୁ ସ୍ଥାୟୀ ଭାବରେ ଦ୍ୱିଗୁଣିତ କରିବାର ଉଦ୍ଦେଶ୍ୟ ନେଇ କୃଷି ଉତ୍ପାଦନ ପୁଞ୍ଜି (ଏପିସି) କୁ ଆରମ୍ଭ କରାଯାଇଥିଲା। ମିଶନ ଶକ୍ତି ବିଭାଗ ୧୨ ଜୁନ ୨୦୨୦ରେ ଏକ ଅତିରିକ୍ତ ଏମଓୟୁ ସ୍ୱାକ୍ଷର କରି ଏପିସି ପ୍ରକଳ୍ପରେ ସାମିଲ ହୋଇଥିଲା, ଯାହା ଉତ୍ପାଦକ ଗୋଷ୍ଠୀ (ପିଜି) ଏବଂ ଉତ୍ପାଦକ କମ୍ପାନୀ (ପିସି) ଗୁଡିକୁ ସୁଦୃଢ କରୁଅଛି। ବର୍ତ୍ତମାନ, ମିଶନ ଶକ୍ତି ୧୪ଟି ଜିଲ୍ଲାର ୭୩ଟି ଏପିସି ବ୍ଲକରେ ୧,୧୮୧ଟି ପିଜି ଏବଂ ୬୩ଟି ପିସିକୁ ସୁଦୃଢ କରିବା ପାଇଁ ସହଯୋଗ କରୁଅଛି। ନୂତନ ଭାବରେ ସ୍ୱାକ୍ଷରିତ ଏହି ଏମଓୟୁ ୯ଟି ଜିଲ୍ଲା (ବଲାଙ୍ଗୀର, ଢେଙ୍କାନାଳ, ଝାରସୁଗୁଡ଼ା, କନ୍ଧମାଳ, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଏବଂ କୋରାପୁଟ) ଓ ୨ଟି ନୂତନ ଜିଲ୍ଲା (ଦେଓଗଡ଼ ଏବଂ ନବରଙ୍ଗପୁର) ସମେତ ୧୧ଟି ଜିଲ୍ଲାର ୨୭ଟି ବ୍ଲକରେ ୬୯୫ଟି ପିଜି ଏବଂ ୨୭ଟି ପିସିକୁ ସହଯୋଗ ପ୍ରଦାନ କରି ଏପିସି ମଡେଲକୁ ଆହୁରି ସୁଦୃଢ଼ କରିବ। ମିଶନ ଶକ୍ତି ବିଭାଗ ଦ୍ୱାରା ୬୨.୦୫୮ କୋଟି ଟଙ୍କା ଅନୁମାନିତ ବଜେଟ ସହିତ, ଏହି ସ୍ଥାୟୀ ଜୀବିକା ପଦକ୍ଷେପ ୬୯୫ଟି ପିଜି ଅଧୀନରେ ପ୍ରାୟ ୮୩,୦୦୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସଦସ୍ୟାଙ୍କୁ ବୈଷୟିକ ତାଲିମ ଏବଂ ସହାୟତା ପ୍ରଦାନ କରିବ। ଏହି ପଦକ୍ଷେପ ରାଜ୍ୟରେ ଏହି ନୂତନ ବ୍ଲକଗୁଡ଼ିକରେ ଥିବା ମହିଳା ପିଜି ସଦସ୍ୟାମାନଙ୍କ ମଧ୍ୟରେ ସମନ୍ୱିତ, ବଜାର-ସଂଯୋଗୀ ଉତ୍ପାଦନ ପ୍ରସ୍ତୁତ କରିବା ସହ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟିକରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ କୃଷି ଏବଂ ପଶୁପାଳନ କ୍ଷେତ୍ରରେ ଉନ୍ନତ ଫସଲ ପଦ୍ଧତିର ବ୍ୟବହାର ସହିତ ଅଂଶଗ୍ରହଣକାରୀ ଏସଏଚଜି ସଦସ୍ୟାମାନଙ୍କ ଆୟକୁ ପ୍ରକଳ୍ପ ଅବଧି ମଧ୍ୟରେ ସ୍ଥାୟୀ ଭାବରେ ଦ୍ୱିଗୁଣିତ କରିବାରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମରେ କୃଷି ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓ୍ୱନ କଲ୍ୟାଣ, ମିଶନ ଶକ୍ତି ନିର୍ଦ୍ଦେଶକ ଡକ୍ଟର ମୋନିକା ପ୍ରିୟଦର୍ଶିନୀ ଏବଂ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

# ବିଦା ହେଲେଣି ୧୫୯ ଦୁର୍ନୀତିଖୋର ବାବୁ

**ଭୁବନେଶ୍ୱର,୨୪।୩ (ମହାଭାରତ):** ଗତ ୫ ବର୍ଷ ଭିତରେ ୧୫୯ ଦୁର୍ନୀତିଖୋର ସରକାରୀ ବାବୁ ବିଦା ହେଲେଣି। ବିଭିନ୍ନ ଦୁର୍ନୀତି ଏବଂ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୫ ବର୍ଷରେ ୧୫୯ ବାବୁ ବିଦା ହୋଇଥିବା ନେଇ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଦୁର୍ନୀତି ଓ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ୫ ବର୍ଷରେ ଏହିମାନଙ୍କୁ ସରକାରୀ ଚାକିରିରୁ ବିଦା କରାଯାଇଛି। ସେମାନଙ୍କ ମଧ୍ୟରେ ୧୨୦ ଅଫିସର୍ ଓ କର୍ମଚାରୀ ଥିବା ବେଳେ ୩୯ ଜଣ ଅଫିସର୍ଙ୍କୁ ବାଧ୍ୟତାମୂଳ ଅବସର ଦିଆଯାଇଛି। ବିଭିନ୍ନ ଦୁର୍ନୀତିଖୋର ସରକାରୀ ବାବୁଙ୍କ ଘରେ ରେଡ୍ ହୋଇ ମୋଟ ୫୯ କୋଟି ୪୭ ଲକ୍ଷ ୮୪ ହଜାର ୯୮୧ ଟଙ୍କା ଜବତ ହୋଇଛି। ଏଥିସହିତ ମୋଟ ୧୦୫୩ଟି ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହୋଇଥିବା ବେଳେ ଏଥିରେ ୯୩୯ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୪ ମସିହା ଶେଷ ସୁଦ୍ଧା ରାଜ୍ୟରେ ୩୦୩୭ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧିନ ରହିଥିଲା। ଏହା ପରଠାରୁ ଚଳିତବର୍ଷ ଫେବୃୟାରୀ ଶେଷ ମଧ୍ୟରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ୩୬୨୩ଟି ମାମଲା ରୁଜୁ କରିଛି।

ଦୁର୍ନୀତି ନିବାରଣ ମାମଲା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୧୪ ମସିହାରୁ ଏଯାବତ୍ ୨୩୫୩ଟି ମାମଲାର ଫଏସଲା ହୋଇଛି। ଏଥି ମଧ୍ୟରୁ ୯୩୯ଟି ମାମଲାରେ ଦଣ୍ଡବିଧାନ ହୋଇଥିବାବେଳେ ୧୦୫୩ଟି ମାମଲାରେ ଅଭିଯୁକ୍ତମାନେ ଦୋଷମୁକ୍ତ ହୋଇଛନ୍ତି। ଏବେ ରାଜ୍ୟରେ ସର୍ବମୋଟ୍ ୩୬୮୪ଟି ଦୁର୍ନୀତି ନିବାରଣ ମାମଲା ବିଚାରାଧିନ ରହିଛି। ଉତ୍ତରରେ ଦର୍ଶାଯାଇଛି ୨୦୧୬ ମସିହାରେ ରାଜ୍ୟରେ ସର୍ବାଧିକ ୫୭୫ଟି ଦୁର୍ନୀତି ନିବାରଣ ମାମଲା ରୁଜୁ ହୋଇଥିବାବେଳେ ୨୦୧୭ ମସିହାରେ ମାମଲା ସଂଖ୍ୟା ୫୦୪ ରହିଥିଲା। ୨୦୨୦ ରେ ରୁଜ ମାମଲା ସଂଖ୍ୟା ୨୪୫ ଥିବାବେଳେ ୨୦୨୪ରେ ଏହି ସଂଖ୍ୟା ଥିଲା ୨୧୧।

# ସିଜରିଆନ ଶିଶୁଙ୍କ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର,୨୪।୩ (ମହାଭାରତ):** ୨୦୨୩-୨୪ ମସିହାରେ ଘରୋଇ ଡାକ୍ତରଖାନାରେ ଜନ୍ମିତ ଶିଶୁଙ୍କ ମଧ୍ୟରୁ ୧୮.୧୭ ପ୍ରତିଶତ ସିଜରିଆନ ଦ୍ୱାରା ହୋଇଥିବାବେଳେ ଘରୋଇ ଡାକ୍ତରଖାନାରେ ଏହିହାର ୮୧.୦୬ ପ୍ରତିଶତ ରହିଛି। ରାଜ୍ୟରେ ଜନ୍ମିତ ଶିଶୁମାନଙ୍କ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ସୂଚନାରୁ ଏହା ଜଣାପଡିଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୩-୨୪ ବର୍ଷରେ ସରକାରୀ ଡାକ୍ତରରେ ୪,୫୧,୦୫୯ ଜଣ ପିଲା ଜନ୍ମ ହୋଇଥିବାବେଳେ ଏମାନଙ୍କ ମଦ୍ଧ୍ୟରୁ ୮୧,୮୯୦ ଅର୍ଥାତ୍ ୧୮.୧୭ ପ୍ରତିଶତ ସିଜରିଆନ ଦ୍ୱାରା ହୋଇଥିଲେ। ସାଧାରଣ ପ୍ରସବ ଶିଶଙ୍କ ହାର ଥିଲା ୮୧.୮୨ ପ୍ରତିଶତ। ସେହି ସମୟରେ ଘରୋଇ ଡାକ୍ତରଖାନାରେ ମୋଟ୍ ୧,୪୦,୧୨୬ ଜଣ ଶିଶୁ ଜନ୍ମ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧,୧୩,୫୮୯ ଜଣ ଅର୍ଥାତ୍ ୮୧.୦୬ ପ୍ରତିଶତ ସିଜରିଆନ ପ୍ରଣାଳୀରେ ଜନ୍ମ ହୋଇଥିବାବେଳେ ୨୬,୫୨୮ ଜଣ ଅର୍ଥାତ୍ ୧୮.୯୩ ପ୍ରତିଶତ ସାଧାରଣ ପ୍ରସବ ଦ୍ୱାରା ଜନ୍ମ ନେଇଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୨-୨୩ ବର୍ଷ ଅର୍ଥାତ୍ ୦୧.୦୯.୨୦୨୨ ରୁ ୩୧.୦୮.୨୦୨୩ ମଧ୍ୟରେ ରାଜ୍ୟରେ ୬୩,୭୭୦ ଜଣ ଶିଶୁ ସିଜରିଆନ ପ୍ରଣାଳୀରେ ଜନ୍ମଗ୍ରହଣ କରିଥିବାବେଳେ ୨୦୨୩-୨୪ ବର୍ଷର ଏହି ସମୟରେ ସିଜରିଆନ ଜନ୍ମିତ ଶିଶୁଙ୍କ ସଂଖ୍ୟା ଥିଲା ୭୮,୨୧୧ ଏବଂ ଚଳିତ ଆର୍ଥବର୍ଷରେ ୦୧.୦୯.୨୦୨୪ ରୁ ୧୮.୦୩.୨୦୨୫ ମଧ୍ୟରେ ରାଜ୍ୟରେ ୪୫,୫୪୮ ଜଣ

# ରାଜ୍ୟରେ ୮୪ ନକଲି ମେଡିସିନ୍

**ଭୁବନେଶ୍ୱର,୨୪।୩ (ମହାଭାରତ):** ରାଜ୍ୟରେ ସବୁ ମିଳୁଛି ନକଲି। ପୂଜା ଘିଅଠାରୁ ଆରମ୍ଭ କରି ଗାଡ଼ି ଇଞ୍ଜିନ ଅଏଲ ସବୁ ନକଲି। ଏବେ ଲୋକମାନଙ୍କର ଜୀବନ ରକ୍ଷା ପାଇଁ ନକଲି ଔଷଧ ମଧ୍ୟ ମିଳୁଥିବା ଜଣା ପଡିଛି। ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।



ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଗତ ୩ ବର୍ଷରେ ୧୩ ହଜାର ୫୨ଟି ନମୂନା ପରୀକ୍ଷଣ କରାଯାଇଥିଲା। ସେଥିରୁ ୮୪ଟି ମେଡିସନ୍ ନକଲି ଥିବା ଚିହ୍ନଟ ହୋଇଛି। ଏହି ନକଲି ମେଡିସନ୍ ନେଇ ୧୦୭ ମାମଲା, ୧୫ ଜଣଙ୍କୁ ଗିରଫ କରାଯାଇଥିଲା ବେଳେ ୩ ବର୍ଷ ମଧ୍ୟରେ ୩,୪୬୨ଟି ଚଢ଼ାଉ କରାଯାଇଛି। ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ନକଲି କିମ୍ବା ନକଲି ଔଷଧର ଏକ ବଡ଼ ବୃଦ୍ଧି ଘଟିଛି, ଯାହା ଅନେକ ରୋଗୀଙ୍କ ଜୀବନକୁ ବିପଦରେ ପକାଇଛି। ରିପୋର୍ଟ ଅନୁଯାୟୀ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କୋଲକାତା ଏବଂ ହାଇଦ୍ରାବାଦ ଭଳି ଅନ୍ୟ ସ୍ଥାନରୁ ନକଲି ଔଷଧ ଯୋଗାଣ କରାଯାଇଥିଲା। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଦ୍ୱାରା କିଣାଯାଇଥିବା ୧୦୩ଟି ଔଷଧ ନିମ୍ନମାନର ବୋଲି ଜଣାପଡ଼ିଛି ଏବଂ ଗତ ୩ ବର୍ଷ ମଧ୍ୟରେ ୪ଟି ଯୋଗାଣକାରୀଙ୍କୁ କଳାତାଲିକାଭୁକ୍ତ କରାଯାଇଛି।

୨୦୨୨-୨୩ ଆର୍ଥିକ ବର୍ଷରେ ଜିଙ୍କ ସଲଫେଟ, ସୋଡିୟମ୍ ଲାକ୍ଟେଟ୍ ସମେତ ମୋଟ ୪୫ଟି ଟାବଲେଟ୍ ଏବଂ ରିଙ୍ଗର୍ସ ଲାକ୍ଟେଟ୍ ନିମ୍ନମାନର ଘୋଷଣା କରାଯାଇଥିଲା, ୨୦୨୩-୨୪ ଆର୍ଥିକ ବର୍ଷରେ ୩୨ଟି ଔଷଧ ନକଲି ବୋଲି ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୨୬ଟି ନକଲି ଔଷଧ ନକଲି ବୋଲି ଡାକ୍ତର ମହାଲିଙ୍ଗ କହିଛନ୍ତି। ରାଜ୍ୟରେ ନକଲି ଔଷଧ ଯୋଗାଣ ରୋକିବା ପାଇଁ ପଦକ୍ଷେପ ସ୍ୱରୂପ, ସରକାର ଏପର୍ଯ୍ୟନ୍ତ ଚାରିଟି ଯୋଗାଣକାରୀଙ୍କୁ କଳାତାଲିକାଭୁକ୍ତ କରିଛନ୍ତି।

# ନେସଲେ ଇଣ୍ଡିଆ ପକ୍ଷରୁ ରିଫାଇନଡ୍ ଚିନି ବିନା ନୂତନ ସେରେଗ୍ରୋ ଭାରିଆଂଟ୍ର ବଜାର ପ୍ରବେଶ

**ଭୁବନେଶ୍ୱର,୨୪।୩ (ମହାଭାରତ):** ନେସଲେ ଇଣ୍ଡିଆ ଅର୍ଥପୂର୍ଣ୍ଣ ଉଦ୍‌ଭାବନ ମାଧ୍ୟମରେ ଗ୍ରାହକମାନଙ୍କୁ ପୁଷ୍ଟିକର ପସନ୍ଦ ପ୍ରଦାନ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରି ରିଫାଇନଡ୍ ଚିନି ବିନା ନୂତନ ସେରେଗ୍ରୋ ଭାରିଆଂଟ୍ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ୨ ରୁ ୬ ବର୍ଷ ବୟସର ପିଲାମାନଙ୍କ ପାଇଁ ଡିଜାଇନ କରାଯାଇଥିବା ସେରେଗ୍ରୋ ମଲ୍ଟିଗ୍ରେନ ସେରେଲାରେ ଗହମ, ଚାଉଳ, ଓଟସ, କ୍ଷୀର ଏବଂ ଫଳର ଗୁଣ ରହିଛି। ଏହା ସହିତ ସେରେଗ୍ରୋ ହେଉଛି ୧୯ଟି ପ୍ରମୁଖ ପୋଷକ ତତ୍ତ୍ୱର ଉତ୍ସ ଯାହା ପିଲାମାନଙ୍କ ମଧ୍ୟରେ ସାଧାରଣ ହାଡ (କ୍ୟାଲସିୟ ଏବଂ ଭିଟାମିନ-ଡି) ସୁଦୃଢକାରୀ ଉପାଦାନ ଏବଂ ମାଂସପେଶୀ ବୃଦ୍ଧି (ପ୍ରୋଟିନ)କୁ ସମର୍ଥନ କରୁଥିବା ପୁଷ୍ଟିକର ତତ୍ତ୍ୱ ରହିଛି। ସେରେଗ୍ରୋର ପ୍ରତ୍ୟେକ ବାଉଲ୍ ୩୦% ରୁ ଅଧିକ ଆରଡିଏପ୍ରୋଟିନ, କ୍ୟାଲସିୟମ, ଲୌହ, ଜିଙ୍କ, ଭିଟାମିନ-ଏ ଏବଂ ଭିଟାମିନ-ସି ପରି ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ପ୍ରଦାନ କରେ। ନୂତନ ଫର୍ମୁଲେସନ୍‌ରେ ସାଧାରଣ ମସ୍ତିଷ୍କ ବିକାଶକୁ ସମର୍ଥନ କରିବା ପାଇଁ ଆଲଫା-ଲିନୋଲେନିକ୍ ଏସିଡ (ଓମେଗା-୩) ମଧ୍ୟ ରହିଛି। ଏହି ଅବସରରେ ନେସଲେ ନ୍ୟୁଟ୍ରିସନର ଇଣ୍ଡିଆ ମୁଖ୍ୟ ବିନୀତ ସିଂହ କହିଲେ, ନେସଲେ ଇଣ୍ଡିଆ ଗବେଷଣା ଏବଂ ବିକାଶର ଶକ୍ତିକୁ ନିରନ୍ତର ବ୍ୟବହାର କରି ନବସୃଜନକୁ ଆଗେଇ ନେବା ଏବଂ ବିଶ୍ୱସନୀୟ ଗୁଣାତ୍ମକ ଉତ୍ପାଦ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ। ନୂତନ ସେରେଗ୍ରୋର ପରିଚୟ ଏହି ପ୍ରତିବଦ୍ଧତା ଆଡ଼କୁ ଆଉ ଏକ ପଦକ୍ଷେପ ଏବଂ ଶିଶୁ ଓ ଛୋଟ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଆମର ସମସ୍ତ ଉତ୍ପାଦରୁ ସୁକ୍ରୋଜ ହ୍ରାସ ଏବଂ ଦୂର କରିବାରେ ଆମର ଯାତ୍ରାର ଏକ ଅଂଶ।

# ଅସଲି ହାତରେ ନକଲି ପୋଲିସ୍

**ଭୁବନେଶ୍ୱର,୨୪।୩ (ମହାଭାରତ):** ନକଲି ପୋଲିସ ଡିଏସପିକୁ ବାନ୍ଧିଲା ଅସଲି ପୋଲିସ। ସହିଦ ନଗର ଥାନା ପୋଲିସ ଧରିଛି ଏହି ନକଲି ପୋଲିସ ଡିଏସପିକୁ। ନକଲି ଡିଏସ୍‌ପିର ନାଁ ମାନସ ରଞ୍ଜନ ସେନାପତି। ଘର ଭଦ୍ରକ ବାସୁଦେବପୁର ଅଂଚଳରେ। ସେ ଭୁବନେଶ୍ୱରରେ ଖାରବେଳନଗର ଥାନା ଅଂଚଳରେ ଥିବା ମଧୁସୂଦନ ନଗରରେ ରହୁଥିଲା। ନକଲି ପରିଚୟ ପତ୍ର ଦେଖାଇ ଲୋକଙ୍କୁ ଚାକିରି ଦେବା ନାଁରେ ଠକୁଥିଲା। ତା ନିକଟରୁ ପୋଲିସ ୟୁନିଫର୍ମ, ନକଲି ଆପଏଣ୍ଟମେଣ୍ଟ ଲେଟର, ୨ ଲକ୍ଷରୁ ଅଧିକ ନକଲି ଟଙ୍କା, ନକଲି ପୋଲିସ ଆଇ କାର୍ଡ ,କାର, ମୋବାଇଲ ଫୋନ ଜବତ ହୋଇଛି। ସେହିପରି ଜଣେ ନକଲି କନଷ୍ଟେବଲକୁ ମଧ୍ୟ ଗିରଫ କରାଯାଇଛି। ତା' ର ନାଁ ଆଶିଷ ସ୍ୱାଇଁ ଓ ଘର ପିପିଲି ଅଞ୍ଚଳରେ। ଏହି ଦୁଇଜଣ ପୋଲିସ ପରିଚୟ ଦେଇ ଅନେକ ଲୋକଙ୍କୁ ଚାକିରି କରିଦେବେ ବୋଲି କହି ଠକିଥିବା ଅଭିଯୋଗ ହୋଇଛି। ସହିଦ ନଗର ଅଞ୍ଚଳରୁ ନାଇଟ ବ୍ଲକିଂ ଚେକିଂ ବେଳେ ଧରିଛି ପୋଲିସ। ଅଭିଯୁକ୍ତ ଠାରୁ ମିଳିଥିବା ଏକ ନକଲି ପୋଲିସ୍ ପରିଚୟ ପତ୍ରରେ ସବ୍-ଇନ୍ସପେକ୍ଟର ଓ ଭଦ୍ରକରେ ପୋଷ୍ଟିଂ ବୋଲି ଲେଖାଯାଇଛି। ଭଦ୍ରକର ତତ୍କାଳୀନ ଏସପି ଚରଣସିଂ ମୀନାଙ୍କ ଦସ୍ତଖତକୁ ମଧ୍ୟ ନକଲ କରାଯାଇଛି। ଏହି ପରିଚୟ ପତ୍ର ମିଳିବା ପରେ ପୋଲିସ୍ ଅଧିକ ତଦନ୍ତ ଆରମ୍ଭ କରିଛି। ଅସଲି ଭଳି ଦିଶୁଥିବା ଏହି ନକଲି ପରିଚୟ ପତ୍ର କେଉଁଠି ତିଆରି ହୋଇଛି ଓ ଏଥିରେ କେଉଁମାନେ ସଂପୃକ୍ତ, ସେ ନେଇ ତଦନ୍ତ କରାଯାଉଛି। ଏପରିକି କେତେଠାରୁ ଏହି କାର୍ଡ ସେ ତିଆରି କରିଛି ଓ କେତେ ଲୋକଙ୍କୁ ଠକିଛି, ସେ ନେଇ ମଧ୍ୟ ଖୋଳତାଡ ଆରମ୍ଭ ହୋଇଛି। ଜବତ ହୋଇଥିବା ନକଲି ଦୁଇ ଲକ୍ଷର ଉତ୍ସ ନେଇ ମଧ୍ୟ ଅଧିକ ପଚରାଉଚରା କରାଯାଉଛି।



# ସୀମାରେ ପଶ୍ଚିମବଙ୍ଗର ଦାଦାଗିରି

**ଭୁବନେଶ୍ୱର,୨୪।୩ (ମହାଭାରତ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଧୀନ କସବା କମର୍ଦ୍ଦା ଗ୍ରାମ ପଞ୍ଚାୟତର ଶଗଡ଼ା ସାହିରେ ପଶି ଓଡ଼ିଶା ରାସ୍ତାକୁ ଭାଙ୍ଗି ଜୋର ଜବରଦସ୍ତ ରାସ୍ତା ନିର୍ମାଣ କରୁଛି ପଶ୍ଚିମବଙ୍ଗ ପ୍ରଶାସନ। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ , ଅତିରିକ୍ତ ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି। ଏଭଳି ପରିସ୍ଥିତିରେ ଓଡ଼ିଶା ସୀମା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜାତୀୟ ସଡ଼କ ପଥର ପଶ୍ଚିମବଙ୍ଗ ସୀମାକୁ ଲାଗିଥିବା ୫୦୦ ମିଟର ଯାଏଁ ଜବରଦସ୍ତ ଧସେଇ ପଶିଆସି ରାସ୍ତା କାମ କରୁଛି ପଶ୍ଚିମବଙ୍ଗ । ୮ ମାସ ପୂର୍ବେ ଓଡ଼ିଶା ସରକାରୀ ଅନୁଦାନରେ ପାଞ୍ଚ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଢଳେଇ ରାସ୍ତା ନିର୍ମାଣ ହୋଇଥିଲା। ଯାହାକୁ ଦିନ ଦ୍ୱିପ୍ରହରରେ ଜେସିବି ଲଗାଇ ଭାଙ୍ଗି ଜବରଦସ୍ତ ରାସ୍ତା ନିର୍ମାଣ କରୁଛି। ଏଭଳି ପରିସ୍ଥିତିରେ ଓଡ଼ିଶା ସୀମା ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ ଜୋରଦାର ବିରୋଧ ପରେ ଘଟଣା ସ୍ଥଳରେ ଅତିରିକ୍ତ ତହସିଲଦାର ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛନ୍ତି। ସୀମାରେ ମାପ ଏବଂ ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ପଶ୍ଚିମବଙ୍ଗ ପ୍ରଶାସନ ସହିତ ଏକ ଆଲୋଚନା କରାଯାଇ ଡିମାରକେସନ କରାଯାଇ ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରଶାସନ ଆଶ୍ୱାସନା ଦେଇଛି।

# ବେଲୁଚିସ୍ତାନ ରାଷ୍ଟ୍ର ଗଠନ

ଗତ ୧୫ ବର୍ଷ ହେବ ମହାନଦୀ ପ୍ରସଙ୍ଗରେ କାଦୁଅ ଫିଙ୍ଗା ଚାଲିଛି। ମାମଲା କୋର୍ଟକୁ ଯାଇଛି। ମହାନଦୀ ମାମଲା ବାବଦରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କଲେଣି। କିନ୍ତୁ କିଛି ଲାଭ ହୋଇନି। ବାସ୍ତବରେ ଛତିଶଗଡ଼ ସରକାର ନିଜ କ୍ଷମତା ପରିସର ମଧ୍ୟରେ ମହାନଦୀରେ ବ୍ୟାରେଜ ନିର୍ମାଣ କରିଛନ୍ତି। ଏଥିରେ ଓଡ଼ିଶାର ଆପତ୍ତି ଉଠାଇବାର ବିଶେଷ ସୁଯୋଗ ନାହିଁ, ଆବଶ୍ୟକତା ବି ନାହିଁ। ଏ କଥା ସ୍ୱୀକାର କରିବାକୁ ପଡ଼ିବ ଯେ, ଛତିଶଗଡ଼ ସରକାର ମହାନଦୀର ଉପରମୁଣ୍ଡରେ ଯେପରି ଅବିଚାରିତ ଭାବେ ବ୍ୟାରେଜ ନିର୍ମାଣ କରିଛନ୍ତି ତାହା ସ୍ୱାର୍ଥପରତା। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସହ ଯୋଗାଯୋଗ କରିବାର ଥିଲା। କିନ୍ତୁ ଓଡ଼ିଶା ସରକାର ମଧ୍ୟ ନିଜ ପରିସର ମଧ୍ୟରେ ମହାନଦୀରେ ବ୍ୟାରେଜ ନିର୍ମାଣ କରି ଜଳ ସଞ୍ଚୟ କରିପାରନ୍ତେ। ନିଜ ବାଡ଼ରେ ବାଡ଼ ନପକାଇ ଅନ୍ୟକୁ ଦୋଷ ଦେଇ କିଛି ଲାଭ ନାହିଁ। ବର୍ଷା ଦିନେ ମହାନଦୀରେ ପ୍ରତି ବର୍ଷ ବନ୍ୟା ଆସୁଛି। ହୀରାକୁଦ ଜଳ ଭଣ୍ଡାରରୁ ଉଦବୃତ୍ତ ଜଳକୁ ସ୍ଲୁଇସ ଗେଟ ଦେଇ ଛଡ଼ାଯାଉଛି। ଏହାର ୯୫ ପ୍ରତିଶତ ସମୁଦ୍ରକୁ ଚାଲିଯାଉଛି। ଏହି ଜଳକୁ ଯଦି ମହାନଦୀ ଏବଂ ଏହାର ଶାଖା ନଦୀ ଗୁଡ଼ିକରେ ବ୍ୟାରେଜ ନିର୍ମାଣ କରି ସଂଚିତ କରାଯାଇପାରନ୍ତା ତେବେ ଛତିଶଗଡ଼ ବିରୋଧରେ ଅଭିଯୋଗ କରିବାର ଆବଶ୍ୟକତା ପଡ଼ନ୍ତା ନାହିଁ। ମହାନଦୀ ଏବଂ ଏହାର ଶାଖା ନଦୀ ଗୁଡ଼ିକରେ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରାଯାଇପାରିଲେ କେବଳ ପାନୀୟ ଜଳ ଯୋଗାଣ ସହଜ ହୋଇପାରିବ , ସେ କଥା ନୁହେଁ। କୃଷି ଏବଂ ଶିଳ୍ପ ପାଇଁ ଜଳର ଅଭାବ ରହିବ ନାହିଁ। ଯଦି ଓଡ଼ିଶାର କୃଷି କ୍ଷେତ୍ରକୁ ପର୍ଯ୍ୟାପ୍ତ ଜଳଯୋଗାଣ ହୋଇପାରିବ, ତେବେ ଓଡ଼ିଶାର ଅର୍ଥନୀତି ସମୃଦ୍ଧ ହୋଇପାରିବ, ଖାଦ୍ୟ ଉତ୍ପାଦନ ବୃଦ୍ଧି ହୋଇପାରିବ। ସମଗ୍ର ଦେଶ ପାଇଁ ଏହା ଆଶୀର୍ବାଦ ଭଳି ହେବ। କିଛି ବର୍ଷ ତଳେ ଓଡ଼ିଶା ସରକାର ଏଥିଲାଗି ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାକୁ ନିଷ୍ଠା ଏବଂ ଆନ୍ତରିକତା ନଥିଲା। ଫଳରେ ମହାନଦୀରେ ବ୍ୟାରେଜ ନିର୍ମାଣ ପରିକଳ୍ପନା କେବଳ କାଗଜପତ୍ରରେ ରହିଗଲା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ଶସ୍ତା କାର୍ଯ୍ୟକ୍ରମରେ ରାଜକୋଷରୁ ପାଣି ଭଳି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ଅର୍ଥକୁ ଯଦି ଜଳସେଚନ ବା ମହାନଦୀରେ ବ୍ୟାରେଜ ନିର୍ମାଣରେ ବ୍ୟୟ କରିଥାଆନ୍ତେ ତେବେ ଆଜି ଓଡ଼ିଶାର ଭାଗ୍ୟ ବଦଳି ସାରନ୍ତାଣି। ଏବେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ମହାନଦୀରେ ୭ଟି ବ୍ୟାରେଜ ନିର୍ମାଣ ଲାଗି ଘୋଷଣା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ୭ ନୁହେଁ, ୭୦ଟି ଛୋଟ ବଡ଼ ବ୍ୟାରେଜ ନିର୍ମାଣର ଆବଶ୍ୟକତା ରହିଛି। ଯାହା ବି ହେଉ ରାଜ୍ୟ ସରକାର ୭ଟି ବ୍ୟାରେଜ ନିର୍ମାଣ ଲାଗି ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହାକୁ କେତେ ଶୀଘ୍ର କାର୍ଯ୍ୟକାରୀ କରାଯିବ ତାହା ହେଉଛି ବଡ଼ ପ୍ରଶ୍ନ। ପୂର୍ବ ସରକାରଙ୍କ ଏଭଳି ଅନେକ ଘୋଷଣା କେବଳ କାଗଜପତ୍ରରେ ସୀମିତ ଥିଲା। ଏହାର ପୁନରାବୃତ୍ତି ନହେବା ଉଚିତ। ମୋହନ ମାଝୀ ସରକାର ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି ସରକାର ଚାଲିଛି। ଉଭୟ ସରକାର ସ୍ଥିର ଏବଂ ସୁଦୃଢ଼। ଡବଲ ଇଞ୍ଜିନ ସରକାର ବେଳେ ଏଭଳି କାର୍ଯ୍ୟକ୍ରମ ପାଇଁ ଟଙ୍କାର ଅଭାବ ରହିବ ନାହିଁ। ଆବଶ୍ୟକତା କେବଳ ରାଜନୈତିକ ଇଚ୍ଛା ଶକ୍ତିର।

# ବିଶ୍ୱ ଶକ୍ତି, ବିଶ୍ୱ ଗୁରୁ

॥ ରୋହିତ ଶତପଥି ॥

*ବିଶ୍ୱର ୬୦% ଜନସଂଖ୍ୟା ଏହି ୨୦ଟି ବିକଶିତ ଏବଂ ବିକାଶୋନ୍ମୁଖୀ ରାଷ୍ଟ୍ରର। ବିଶ୍ୱର ୮୦% ଉତ୍ପାଦନ ଏହି ୨୦ ରାଷ୍ଟ୍ରରେ ହୋଇଥାଏ। ୭୫% ରପ୍ତାନୀ କରିଥାନ୍ତି ଏହି ୨୦ଟି ରାଷ୍ଟ୍ର। ସୁତରାଂ ଜି-୨୦କୁ କୁହାଯାଏ ବିଶ୍ୱ ବିକାଶର ଇଞ୍ଜିନ। କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁ ଅଧିକାଂଶ ଜି-୨୦ ଗୋଷ୍ଠୀଭୁକ୍ତ ରାଷ୍ଟ୍ର ବିପୁଳ କ୍ଷତି ସହିଛନ୍ତି। ଭାରତର କ୍ଷତି ହୋଇଛି ସର୍ବାଧିକ।*

ଭାରତ ମଣ୍ଡପମ୍‌ରେ ଜି-୨୦ ଶିଖର ସମ୍ମିଳନୀ ସଫଳତାର ସହ ଆୟୋଜନ କରି ଭାରତ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଥିଲା। ତେବେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀରେ ଓଡ଼ିଶାର ସଂସ୍କୃତି ଓ ଓଡ଼ିଆଙ୍କୁ ଅବଦାନର ଛାପ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଜି-୨୦ ଶିଖର ସମ୍ମିଳନୀ ସ୍ଥଳ ଭାରତ ମଣ୍ଡପମ୍‌ରେ ବିଶ୍ୱନେତା ଓ ପ୍ରତିନିଧିଙ୍କ ପାଇଁ ରାତ୍ରୀ ଭୋଜନର ଆୟୋଜନ ଏକ ପ୍ରମୁଖ ଘଟଣା ରହିଥିଲା।

ଆନ୍ତର୍ଜାତିକ ପରିସ୍ଥିତି ଦୃଷ୍ଟିକୋଣରୁ ଭାରତର ଭୂମିକା ଏବଂ ଦାୟିତ୍ୱ ଯେ ବଢ଼ିବ, ଏଥିରେ ସନ୍ଦେହ ନାହିଁ। ବାଲି ଶିଖର ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପ୍ରତିନିଧିତ୍ୱ କରିଥିଲେ। ଗତ କିଛି ବର୍ଷ ହେଲା ମୋଦୀଙ୍କ ଶାସନ କାଳ ଭିତରେ ଆନ୍ତର୍ଜାତିକ ସ୍ତରରେ ଭାରତର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଛି। ଏହା ମଧ ବାଲିରେ ପ୍ରତିଫଳିତ ହୋଇଛି।

ବିଶ୍ୱର ନେତୃତ୍ୱ ନେବା ପାଇଁ ଭାରତ ଯେ ସମର୍ଥ ଏବଂ ଏହାର ଦକ୍ଷତା ଅଛି, ତାହାକୁ ପ୍ରଧାନମନ୍ତ୍ରୀ ମୋଦୀ ସବୁ ବୈଶ୍ୱିକ ମଞ୍ଚରେ ସୁନ୍ଦର ଭାବେ ଉପସ୍ଥାପନ କରିଆସୁଛନ୍ତି। ବିଶ୍ୱ ମଧ ଭାରତର ନେତୃତ୍ୱକୁ ସାଦର ଦୃଷ୍ଟିଭଙ୍ଗୀରେ ଦେଖୁଛି। ଏତା ଏକ ବଡ଼ କୂଟନୈତିକ ସଫଳତା ବୋଲି ବିବେଚନା କରିବାକୁ ପଡ଼ିବ।

ଦେଶ ଭିତରେ କିଛି ମୋଦୀ ବିରୋଧୀ ତତ୍ତ୍ୱ ଭାରତର ଉତ୍ତରଣକୁ ବିଶେଷ କାରଣରୁ ସହ୍ୟ କରିପାରୁ ନାହାନ୍ତି। କିନ୍ତୁ ଭାରତ ଯେ ଆଉ ଏକ ଗୋଡାଣିଆ ରାଷ୍ଟ୍ର ହୋଇ ରହିନାହିଁ, ତାହା ମୋଦୀଙ୍କ ଶାସନ କାଳରେ ଅତ୍ୟନ୍ତ ସ୍ପଷ୍ଟ ହୋଇଯାଇଛି। ଯେହେତୁ ଜି-୨୦ର ଅଧକ୍ଷ ଦାୟିତ୍ୱ ନେଇଛି ଭାରତ, ସେ ହେତୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଭାରତ ଦୂରଗାମୀ ସଫଳତା ହାସଲ କରିବ ବୋଲି ଆଶା କରାଯାଇପାରେ।

ବାଲି ଶିଖର ବୈଠକରେ ଫୋକସରେ ଥିଲା ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଡିଜିଟାଲ ଟ୍ରାନ୍ସଫର୍ମେସନ ଏବଂ ନରନ୍ତର ଶକ୍ତି ବ୍ୟବସ୍ଥା। ବୁଝିବାକୁ ପଡ଼ିବ ଯେ, ୨୦୨୧ ରୋମ ଶିଖର ବୈଠକ ପରେ ଏହି ବର୍ଷକ ଭିତରେ ବିଶ୍ୱର ଅର୍ଥନୀତି ବିପର୍ଯ୍ୟସ୍ତ ଅବସ୍ଥା ଆଡ଼କୁ ଯାଇଛି।

ନୂଆଦିଲ୍ଲୀର ସଫଳ ଜି-୨୦ର ସବୁଠାରୁ ବଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ କୋଣାର୍କର ଐତିହ୍ୟ ସମ୍ମିଳନୀରେ କୋଣାର୍କ ଚକ୍ରର ପୃଷ୍ଠଭୂମିରେ ବିଶ୍ୱନେତାଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ଫଳରେ ସାରା ବିଶ୍ୱ ଓଡ଼ିଶାର ସମୃଦ୍ଧ କଳା ସଂପର୍କରେ ଅବଗତ ହୋଇଛି। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ କେବଳ ଗୌରବର ମୁହୂର୍ତ୍ତ ନଥିଲା ବରଂ ଓଡ଼ିଶାର ଭାସ୍କର୍ଯ୍ୟ କଳାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିବା ଦିଗରେ ନୂଆ ଧାରା ସୃଷ୍ଟି କଲା।

ବିଶ୍ୱର ୬୦% ଜନସଂଖ୍ୟା ଏହି ୨୦ଟି ବିକଶିତ ଏବଂ ବିକାଶୋନ୍ମୁଖୀ ରାଷ୍ଟ୍ରର। ବିଶ୍ୱର ୮୦% ଉତ୍ପାଦନ ଏହି ୨୦ ରାଷ୍ଟ୍ରରେ ହୋଇଥାଏ। ୭୫% ରପ୍ତାନୀ କରିଥାନ୍ତି ଏହି ୨୦ଟି ରାଷ୍ଟ୍ର। ସୁତରାଂ ଜି-୨୦କୁ କୁହାଯାଏ ବିଶ୍ୱ ବିକାଶର ଇଞ୍ଜିନ। କିନ୍ତୁ କୋଭିଡ଼-୧୯ ମହାମାରୀ ଯୋଗୁ ଅଧିକାଂଶ ଜି-୨୦ ଗୋଷ୍ଠୀଭୁକ୍ତ ରାଷ୍ଟ୍ର ବିପୁଳ କ୍ଷତି ସହିଛନ୍ତି। ଭାରତର କ୍ଷତି ହୋଇଛି ସର୍ବାଧିକ। ଏହାର ବଡ଼ କାରଣ ହେଲା ଏହା ଏକ ବିଶାଳ ରାଷ୍ଟ୍ର ଏବଂ ଏହାର ଜନସଂଖ୍ୟା ୧୩୦ କୋଟି। କୋଭିଡରୁ ଅର୍ଥନୀତି ବାହାରି ଆସୁଥିବାବେଳେ ସବୁଠୁ ବଡ଼ ଧକ୍କା ଆସିଛି ଋଷ-ୟୁକ୍ରେନ ଯୁଦ୍ଧ ଯୋଗୁ। ଏହାଦ୍ୱାରା କେବଳ ଯେ ବିଶ୍ୱ ରାଜନୀତିରେ ଅସ୍ଥିରତା ସୃଷ୍ଟି ତାହା ନୁହେଁ, ସାରା ବିଶ୍ୱର ଅର୍ଥନୀତିକୁ ଏହା ପ୍ରଭାବିତ କରିଛି। ମୁଦ୍ରାସ୍ଫୀତି ବଢ଼ିବା କାରଣରୁ ନିଯୁକ୍ତି ସଂକୋଚନ ଏକ ନୂଆ ବିପଦ ସୃଷ୍ଟି କରିବାକୁ ଯାଉଛି।

ଅଧିକାଂଶ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ସବୁଠାରୁ ବେଶୀ ପ୍ରଭାବିତ ହେଲେଣି ଗରିବ ରାଷ୍ଟ୍ର ଗୁଡ଼ିକ। ଏହାକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ମୋଦି ତୁରନ୍ତ ଯୁଦ୍ଧ ବନ୍ଦ କରିବାକୁ ଋଷିଆ ଏବଂ ୟୁକ୍ରେନକୁ ଅନୁରୋଧ କରିଛନ୍ତି। ଯେଭଳି ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି, ତାହା ବେଶୀ ଦିନ ଲାଗି ରହିଲେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ଆଶଙ୍କାକୁ ଆଦୌ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏହି କାରଣରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଜି-୨୦ର। ଶାନ୍ତି ସହିତ ଅଭିବୃଦ୍ଧି। ଯେଉଁସବୁ କ୍ଷେତ୍ରରେ ରାଷ୍ଟ୍ରଗୁଡ଼ିକ ମଧରେ ଗୁରୁତର ମତପାର୍ଥକ୍ୟ ଅଛି, ତାହାକୁ ଭୁଲିଯିବାକୁ ପଡ଼ିବ। ଏହା ସହିତ ଅଭିବୃଦ୍ଧି ହାର ବଢ଼ାଇବାକୁ ପଡ଼ିବ।

ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ମଧ କହିସାରିଛି ଯେ, ଯଦି ଜି-୨୦ ମିଳିତ କାର୍ଯ୍ୟକ୍ରମ ଗ୍ରହଣ କରେ ଏବଂ ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ସଫଳ ହୁଏ ତେବେ ଏ ବିଶ୍ୱ ଏକ ବଡ଼ ବିପର୍ଯ୍ୟୟରୁ ରକ୍ଷା ପାଇଯିବ। ଏ ଦୃଷ୍ଟିରୁ ଦେଖିବାକୁ ଗଲେ ଜି-୨୦ ଅଧକ୍ଷ ଭାବେ ଭାରତର ଏବଂ ବିଶେଷକରି ପ୍ରଧାନମନ୍ତ୍ରୀ ମୋଦିଙ୍କର ଦାୟିତ୍ୱ ବଢ଼ିଯାଉଛି। ଏମିତି ସମୟରେ ଭାରତ ଅଧକ୍ଷ ପଦ ଗ୍ରହଣ କରିଛି, ଯେତେବେଳେ ସମୁଦାୟ ବିଶ୍ୱ ଏକ ଅଜଣା ବିପଦ ଭିତରେ ଦେଇ ଗତି କରୁଛି। ଆଶା କରାଯାଉଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱକୁ ଏହି ବିପଦରୁ ବାହାର କରି ଆଣିପାରିବେ। ବିଶ୍ୱର ମହାଶକ୍ତିମାନେ ପରିସ୍ଥିତି ସମ୍ପର୍କରେ ପର୍ଯ୍ୟାଲୋଚନା କରି ବିଶ୍ୱକୁ ଏକ ବଡ଼ ବିପଦରୁ ରକ୍ଷା କରିବା ପାଇଁ ଭାରତର ସହିତ ସମନ୍ୱୟ ରଖିବା ମଧ ଜରୁରୀ। ଭାରତ ଶାନ୍ତିର ବାର୍ତ୍ତାବହ।

ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ଭାରତ ଅବଶ୍ୟ ଏକ ବଡ଼ ଭୂମିକା ନେବ ବୋଲି ଆମେ ମଧ ଆଶା କରୁ। ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧ ଏବଂ ବିକାଶଶୀଳ ରାଷ୍ଟ୍ରଙ୍କ ସ୍ୱର ଭାବେ ଭାରତର ପ୍ରସ୍ତାବକୁ ଜି-୨୦ ନେତୃବର୍ଗ ଗ୍ରହଣ କରିଛନ୍ତି। ଏହା ପ୍ରମାଣିତ କରିଛି ଯେ ଧନୀ ଓ ଦରିଦ୍ର ରାଷ୍ଟ୍ର ଭାବେ ବିଶ୍ୱକୁ ଯେଉଁଭଳି ଭାବେ ପୂର୍ବରୁ ବିଭାଜିତ କରାଯାଇ ଆସୁଥିଲା ତାହା ଭବିଷ୍ୟତ ପାଇଁ ଆଉ କୌଣସି ଅର୍ଥ ରଖେ ନାହିଁ। ବିକାଶଶୀଳ ରାଷ୍ଟ୍ରଙ୍କୁ ବାଦ ଦେଇ ଯେ ବିକଶିତ ରାଷ୍ଟ୍ରମାନେ ସ୍ଥାୟୀ ଭାବେ ଆଗକୁ ଅଗ୍ରସର ହୋଇପାରିବେନାହିଁ ତାହା ପ୍ରମାଣିତ ହୋଇଛି। ତେଣୁ ଭାରତ କେବଳ ଏହି ସମ୍ମିଳନୀରେ ନିଜ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିନାହିଁ, ପାରମ୍ପରିକ ବିକାଶର ପୁନଃ ସଂଜ୍ଞା ନିରୂପଣ କରିଛି।

ଆଜି ସମଗ୍ର ବିଶ୍ୱରେ ଭାରତ ଏକ ବିଶ୍ୱ ମହାଶକ୍ତି ଓ ବିଶାଳ ଅର୍ଥନୀତି ଅଭିବୃଦ୍ଧି ଆଡ଼କୁ ଅଗ୍ରସର ହେଉଛି। ଭାରତର ପ୍ରଧାନମନ୍ତ୍ରୀ ବିଶ୍ୱର ଶ୍ରେଷ୍ଠ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଭାବେ ସମଗ୍ର ବିଶ୍ୱରେ ସୁପରିଚିତ। ତାଙ୍କ ନେତୃତ୍ୱରେ ଭାରତ ବିଶ୍ୱଶକ୍ତି ଓ ବିଶ୍ୱ ଗୁରୁର ଆଦର୍ଶ ସୃଷ୍ଟି କରୁଛି। ଜଣେ ଭାରତୀୟ ଭାବେ ଏହି ବିରଳ କୃତୀତ୍ୱରେ ମୁଁ ଗୌରବାନ୍ୱିତ।

ଜାମସେଦପୁର, ଝାଡ଼ଖଣ୍ଡ

# ସତ୍ୟାନୁସରଣରେ ଜୀବନ

॥ ଉମେଶ ଚନ୍ଦ୍ର ପାତ୍ର ॥

ପରମପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ଦିବ୍ୟଜୀବନ କେବଳ ରକ୍ତମାଂସ ଗଠିତ ଶରୀର ଭିତରେ ସୀମିତ ନୁହେଁ । ଯାହାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶନ ମୁକ୍ତି ଅନ୍ୱେଷୀମାନଙ୍କୁ ଉଦବୁଦ୍ଧ କରିବା ସହ ଦିବ୍ୟ ଜୀବନ ଅଧିକାରୀ ହେବା ପାଇଁ ପ୍ରେରଣା ଯୋଗାଇ ଅନୁପ୍ରାଣିତ କରୁଛି । ଯେପରି ସୀମାହୀନ ମହାସିନ୍ଧୁର ନୀଳ ଜଳରାଶି, ଫେନିଳ ତରଙ୍ଗାଳା ଅବଲୋକନ କରି ଭାବବିହ୍ୱଳ ହେବା ଛଡ଼ା କାହାର ସାଧ ନାହିଁ ଜଳରାଶିର ଗଭୀରତା ଓ ବିସ୍ତୀର୍ଣ୍ଣତାର ପରିସୀମାକୁ ମାପିବାକୁ । କେବଳ ମାତ୍ର ଭାବନାହୀନ ତନ୍ମୟତାରେ ସାଗରର କୂଳ ଦେଶର ମୃତ ବାଲୁକା ଶଯ୍ୟାରେ ପଦାଚାରଣା କରିବା ଛଡ଼ା ଆଉ କିଛି ସମ୍ଭବ ନୁହେଁ । ପୂର୍ଣ୍ଣବ୍ରହ୍ମ ଶ୍ରୀ ଶ୍ରୀ ପୁରୁଷୋତ୍ତମଙ୍କ ଦିବ୍ୟଲୀଳା ମାଧୁରୀକୁ ଅବତରଣ କରି ଏହା କୁହାଯାଇପାରେ ସାଗରର ମଧ ଶେଷ ଅଛି ସୀମା ମଧ ଅଛି । ତେଣୁ ସାଗର ଅନନ୍ତ ନୁହେଁ କି ଅସୀମ ନୁହେଁ । ଜଣେ ହିଁ ଅନନ୍ତ ଓ ଅସୀମ, ସେ ହେଉଛନ୍ତି ପୁରୁଷୋତ୍ତମ । ଆଶ୍ରିତଜନଙ୍କୁ କୃପା କରି ସସୀମ ରୂପରେ ଲୀଳା ପ୍ରକଟ କରିଛନ୍ତି । ଅବିଭକ୍ତ ବଂଗଭୂମିର ପାବନା ଜିଲ୍ଲାର ଗୋୟାଁଖାନା ନିବାସୀ ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନମୋହିନୀଙ୍କର କୋଳମଣ୍ଡନ କରିଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର । ସେ ମାହେନ୍ଦ୍ର ମୁହୂର୍ତ୍ତ ଥିଲା ୧୨୯୫ ବଙ୍ଗଳା ସାଲର ଭାଦ୍ରବ ମାସର ୩୦ ଦିନ ଶୁକ୍ଳପକ୍ଷ, ଇଂରାଜୀ ବର୍ଷ ଅନୁଯାୟୀ ୧୮୮୮ ମସିହା। ଜନ୍ମ ହେବାର ନବମ ମାସରେ ଅନ୍ନପ୍ରାଶନ୍ନ ଉତ୍ସବରେ ମାତା ମନମୋହିନୀ ଦେବୀ କବିତାଟିଏ ଲେଖିଥିଲେ ଯାହାର ପ୍ରଥମ ଅକ୍ଷରଗୁଡ଼ିକ ସମ୍ମିଳନରେ ଥିଲା ‘ଅନୁକୂଳ’

ସତ୍ୟାନୁସରଣର ରଚୟିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଆସ୍ଥା । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗିର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟିତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା । ଧର୍ମର ସଂଜ୍ଞା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁର କହିଥିଲେ - ‘ଯେନାତ୍ମନଂ ତଥାନ୍ୟେଷାଂ ଜୀବନବର୍ଦ୍ଧନାଞ୍ଚପି ଧ୍ରିୟତେ ସ ଧର୍ମଃ’ ଅର୍ଥାତ୍ ଯାହାଦ୍ୱାରା ନିଜର ଓ ଅନ୍ୟର ଜୀବନ ଓ ବୃଦ୍ଧି ବିକଶିତ ହୁଏ, ତାକୁ ହିଁ ଧର୍ମ କୁହାଯାଏ । ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏକ ପରିମାର୍ଜିତ ରୂପରେ ମୁଗ୍ଧ ହୋଇ ମନୁଷ୍ୟର ଚରିତ୍ରବତ୍ତା, ଈଶ୍ୱରାଭିମୁଖୀ ଚେତନା, ପିତୃମାତୃ କେନ୍ଦ୍ରିକତା, ଅନୁଚିନ୍ତନର ପ୍ରୟାସରେ ଆରମ୍ଭ କରିଥିଲେ ‘ସତ୍‌ସଙ୍ଗ ତପୋବନ ବିଦ୍ୟାଳୟ’ । ‘ସତ୍‌ସଙ୍ଗ’ ପ୍ରତିଷ୍ଠାନର ଆଭିମୁଖ୍ୟ ଓ କାର୍ଯ୍ୟ ପରିସର ବ୍ୟାପକ ହେବା ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଆଶ୍ରିତ ଓ ସେବକମାନଙ୍କୁ ଯାଜକ, ଅଧ୍ୱର୍ଯ୍ୟ, ସହପ୍ରତିଋତ୍ୱିକ ନାମରେ ନାମିତ କରି ଦୀକ୍ଷାଦାନ ପାଇଁ ପ୍ରେରିତ କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ - ‘ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ - ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ’ । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା’ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଚ୍ଛଦରେ କହିଛନ୍ତି ‘ସର୍ବ ପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଠବଙ୍କକ୍ଷସଙ୍କରକୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଳବିକ ଆହ୍ୱାନ ହେଉଛି - ‘ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତି ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ - ‘କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।’ ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, ‘ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।’ ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଚ୍ଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ, ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଭକ୍ତି ମାଧ୍ୟମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଇଛନ୍ତି । ଜୀବନର ଜୟ ହେଉ - ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ -

ସହପ୍ରତିଋତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ବିଷାଦର ଫାଟକ

॥ ଅନୀତା ପଟ୍ଟନାୟକ ॥

ମୁଁ ସମୁଦ୍ରରେ ଏକ ଜାହାଜରେ ଯାଉଥିବା ସମୟରେ ଜାହାଜଟି ଏକ ଦୁର୍ବିପାକର ସମ୍ମୁଖୀନ ହେଲା। ମୁଁ ଭାସି ଭାସି ଆସି ଏକ ଦେଶରେ ଲାଗିଲି। ଲୋକଙ୍କୁ ପଚାରିବାରେ ଲୋକମାନେ ସେ ଦେଶ ‘ଭାରତ’ ବୋଲି କହିଲେ। ଦେଖିଲି ସେ ପୁରା ଦେଶଟି ଗୋଟିଏ ସାଜସଜ୍ଜା ପୂର୍ଣ୍ଣ ରାଜମହଲ। ପଚାରିବାରେ ଲୋକ କହିଲେ ଏହାକୁ ଗୀତା ରାଜପ୍ରସାଦ ବୋଲି କୁହାଯାଏ। ସ୍ୱର୍ଣ୍ଣ ଅଳଙ୍କାର ଖଚିତ ଏକ ଦ୍ୱାରର ଉପଦେଶରେ ‘ବିଷାଦ’ ଲେଖାଯାଇଥିବା ଦେଖିଲି। ମୁଁ ଦ୍ୱାରପାଳକୁ ପଚାରିଲି ‘ଭାଇ ଏଠାରେ ଯେଉଁ ବିଷାଦ ଶବ୍ଦ - ଲେଖାଯାଇଛି ତାର ଅର୍ଥ କଣ ? ସେ କହିଲେ ‘ଇନ୍ଦ୍ରିୟ ସୁଖର ଅସାରତା ଉପଲବ୍ଧି କଲେ ହିଁ ବିଷାଦତାର ଦ୍ୱାର ଖୋଲିଯାଏ। ଏହି ଦ୍ୱାର ଦେଇ ଯେଉଁମାନେ ପ୍ରବେଶ କରନ୍ତି ସେମାନେ ଅଧିକ ସାରବତ୍ତାପୂର୍ଣ୍ଣ ଓ ଅଧିକ ଆନନ୍ଦ ପ୍ରଦାନକାରୀ ବିଷୟକୁ ଅନ୍ୱେଷଣ କରିବାକୁ ଯାଆନ୍ତି। ମୁଁ କହିଲି ସର୍ବୋଚ୍ଚ ପୁରୁଷକୁ ଲାଭ କରିବା ବା ପୁରୁଷୋତ୍ତମ ପ୍ରାପ୍ତି ହେଉଛି ଏ ବିଷାଦ ଏହା ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଲାଭ। ଦ୍ୱାରପାଳ କହିଲେ ଏହି ପୁରରେ ବାସ କରୁଥିବା ପୁରୁଷ ହେଉଛନ୍ତି ପୁରୁଷୋତ୍ତମ। ଲୋକେ ଏହି ପୁରୁଷୋତ୍ତମ କ୍ଷେତ୍ରକୁ ଆସନ୍ତି ପୁରୁଷୋତ୍ତମଙ୍କୁ ଦର୍ଶନ କଲି ବୋଲି ଡିଣ୍ଡିମ ପିଟନ୍ତି। ପ୍ରକୃତପକ୍ଷେ ସେମାନେ ସମୁଦ୍ରକୂଳରେ ଡଙ୍ଗା ଉପରେ ବସି ଏପରି ବାହାସ୍ଫୋଟ ମାରିଥାନ୍ତି। ପ୍ରକୃତ ପକ୍ଷେ ପୁର ହେଉଛି ମନୁଷ୍ୟର ଶରୀର। ପ୍ରଭୁ ଜଗନ୍ନାଥ ଶରୀର ରୂପକ ବିଶ୍ୱ ବ୍ରହ୍ମାଣ୍ଡରେ ବାସ କରନ୍ତି। ସେ ସର୍ବୋତ୍ତମ ବା ପୁରୁଷୋତ୍ତମ। ମନୁଷ୍ୟ ଚାଲୁଥିବା ସମୟରେ ଜନ୍ଦାଟିର ଅନୁଭୂତି ମଧ ତାଙ୍କ ଦୟାରୁ ଲାଭ ହୁଏ। ଅନ୍ୟପକ୍ଷରେ କହିବାକୁଗଲେ ଜଗନ୍ନାଥ ବା ପରମ ପୁରୁଷଙ୍କର ଚେତନଶୀଳତା ସମସ୍ତ ଶରୀରରେ ପରିବ୍ୟାପ୍ତ। ତାଙ୍କର ବିଶ୍ୱ ବ୍ରହ୍ମାଣ୍ଡ ରୂପକ ଶରୀରଟିକୁ ଏହି ଚେତନଶୀଳତା ବଳରେ ସେ ସକ୍ରିୟ ଓ ପରିପୂର୍ଣ୍ଣ ରଖନ୍ତି। ମୁଁ କହିଲି ଆପଣଙ୍କ କଥାରୁ ପ୍ରତୀୟମାନ ହେଉଛି ଜଗନ୍ନାଥ ଦେବ ପୁରୁଷୋତ୍ତମ ହେଉଛନ୍ତି ଏକ ବିଶାଳ ବନାନୀ। ବ୍ୟକ୍ତି ହେଉଛି ସେ ବନର ଏକ ବୃକ୍ଷ। ତେବେ ଜୀବ ହେଉଛି ବ୍ୟକ୍ତି ଓ ଜଗନ୍ନାଥ ହେଉଛନ୍ତି ସମଷ୍ଟି।

ମୁଁ ପଚାରିଲି ମହଲରେ ଥିବା ପୁରୁଷୋତ୍ତମଙ୍କୁ ମୁଁ ଦର୍ଶନ କରିପାରେ କି ? ଦ୍ୱାରପାଳ କହିଲେ ପୁରୁଷକୁ ପୁରୁଷୋତ୍ତମରେ ପରିଣତ ହେବାକୁ ହେଲେ ଯୋଗ ହେଉଛି ଏକ ମାର୍ଗ। ଜ୍ଞାନ, ଭକ୍ତି ଓ କର୍ମ ମାର୍ଗରେ ମଧ ଏହି ଦର୍ଶନ ସମ୍ଭବ ହୋଇପାରିଥାଏ। ମୁଁ କହିଲି ଭାଇ ମୋର ପଞ୍ଚ ଇନ୍ଦ୍ରିୟ ମତେ ପାଞ୍ଚଟି ପୃଥକ ପୃଥକ ଦିଗରେ ଆକର୍ଷିତ କରୁଛନ୍ତି। ଦ୍ୱାରପାଳ କହିଲେ ଠିକ କହିଛ। ପାଞ୍ଚଟି ଯାକ ଇନ୍ଦ୍ରିୟ ପୁରୁଷର କ୍ଷତି ସାଧନା କରନ୍ତି। କିନ୍ତୁ ଇନ୍ଦ୍ରିୟ ଗୁଡ଼ିକ ଗୋଟିଏ ପରିବାରର ସଦସ୍ୟ ଅଟନ୍ତି। ଇନ୍ଦ୍ରିୟ ଗୁଡ଼ିକୁ ସାଧନା ଦ୍ୱାରା ତାଲିମ ଦିଆଯାଇପାରେ। ମଣିଷର ବୁଦ୍ଧି ବେଳେ ବେଳେ ଶତ୍ରୁପରି କାମ କରିଥାଏ। ବୁଦ୍ଧି ଛଳନା ସୃଷ୍ଟି କରେ। ଦେଖାଇ ହେବା ଭଳି ପ୍ରତିଯୋଗୀ ମନଭାବ ସୃଷ୍ଟି କରେ। ଦ୍ୱାରପାଳ କହିଲେ ହେ ଆଗନ୍ତୁକ ବ୍ୟବହାର ଓ ଅଭ୍ୟାସ ହିଁ ଗୁରୁତ୍ୱପୂର୍ଣ୍ଣ। ଧର୍ମ ଓ ସାଧନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାର୍ଯ୍ୟ ଆଚରଣ ଓ ବ୍ୟବହାର ଦ୍ୱାରା ପ୍ରକାଶ ପାଉଥିବା ସ୍ୱଭାବରୁ ମନୁଷ୍ୟକୁ ବିଚାର କରାଯାଏ। ଏପରି ବ୍ୟକ୍ତିର ମୂଲ୍ୟାୟନ ପାଇଁ କୌଣସି ସାକ୍ଷୀ ପ୍ରମାଣର ପ୍ରୟୋଜନ ହୁଏନାହିଁ। ଅର୍ଜୁନଙ୍କ ବିଷାଦ ତାଙ୍କ ଭିତରେ ଲୁଚି ରହିଥିବା ଅହମିକାକୁ ଛଦ୍ମରୂପରେ ପ୍ରକାଶ କରିଥିଲା। ଏହା ତାଙ୍କ ଚରିତ୍ରର ଏକ ଦୁର୍ବଳତା ଥିଲା। ସେ ପୂର୍ବରୁ ବୀର ସ୍ୱଭାବର ଥିଲେ କିନ୍ତୁ ଯୁଦ୍ଧକ୍ଷେତ୍ରରେ ଭୀରୁତା ଦର୍ଶାଇଥିଲେ। ମୁଁ ଓ ମୋର ଭାବ ପ୍ରକାଶ ପାଇଲା। ଅର୍ଜୁନ କୃଷ୍ଣଙ୍କୁ କହିଥିଲେ ମୁଁ ପଛେ ନର୍କକୁ ଯିବି ଭିକ୍ଷା ମାଗିବି ମୁଁ ମୋର ଗୁରୁଜନ ଓ ଭାଇ ମାନଙ୍କ ସହ ଯୁଦ୍ଧ କରିବି ନାହିଁ। ଦ୍ୱାରପାଳ କହିଲେ ‘ମୁ’ ଓ ‘ମୋର’ ଭାବନା ଦୁଇଟି ବିଷ ବୃକ୍ଷ ସଦୃଶ। ହେ ଆଗନ୍ତୁକ ତୁମେ ନିଜକୁ ଅକ୍ଷତ ରଖିବାକ ହେଲେ ତୁମକୁ ଏ ବିଷର ମୂଳୋତ୍ପାଟନ କରିବାକୁ ହେବ। ଆଶ୍ଚର୍ଯ୍ୟର ବିଷୟ ମରଣାନ୍ତକ ଯନ୍ତ୍ରଣା ପାଉଥିବା ବ୍ୟକ୍ତିମାନେ ଅତୀତରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ କାନ୍ଦୁଛନ୍ତି। ଅର୍ଜୁନ ଯୁଦ୍ଧ କ୍ଷେତ୍ରରେ ତାହା ହିଁ କରିଥିଲେ। ତାଙ୍କର ମୂର୍ଖତା ବିଷାଦର ଛଦ୍ମବେଶର ଭାଷା ମଧ୍ୟରେ ଲୁଚି ରହିଥିଲା। ଯୁଦ୍ଧକ୍ଷେତ୍ର ପ୍ରକୃତ ପ୍ରଶ୍ନ ନଥିଲା। କିଏ କାହାର ଆତ୍ମୀୟ ସ୍ୱଜନ, କିଏ ଭୁଲ ଠିକ କରୁଛି ତାହା ପ୍ରକୃତ ପ୍ରଶ୍ନ ନଥିଲା। ନ୍ୟାୟ ପାଇଁ ସଂଗ୍ରାମ, ସତ୍ୟର ପ୍ରତିଷ୍ଠା ପାଇଁ ସଂଗ୍ରାମ, କ୍ଷତ୍ରୀୟ ଚିତ କର୍ତ୍ତବ୍ୟ ଓ ଫଳାଫଳକୁ ସର୍ବୋମୟ କର୍ତ୍ତାଙ୍କ ନିକଟରେ ସମର୍ପଣ କରିବା ହିଁ ଉଚିତ ମାର୍ଗ ଥିଲା। ପୁରୁଷୋତ୍ତମ କହିଥିଲେ ଆଶ୍ଚର୍ଯ୍ୟ ଲାଗୁଛି ଅର୍ଜୁନ ଯୁଦ୍ଧ କ୍ଷେତ୍ରରେ ତୁମେ କାନ୍ଦୁଛ। ତୁମେ ଗୁଡ଼ାକେଶ ତୁମେ ନିଦ୍ରା ଓ ଧଜ୍ଞାନକୁ ଜୟ କରିଥିବା ବ୍ୟକ୍ତି ତୁମେ କାହାକୁ ହତ୍ୟା କରୁନାହଁ। ତୁମର ଗ୍ଲାନି ରହିବା ଉଚିତ ନୁହେଁ କେହି ମୃତ୍ୟୁ ମୁଖରେ ପଡୁନାହାଁନ୍ତି। ସେମାନଙ୍କର ଅନେକ କାମ କରିବାର ଅଛି। ସେମାନେ ମଧ ମୃତ୍ୟୁହୀନ। ମୁଁ ସେମାନଙ୍କ ପାଇଁ ମୃତ୍ୟୁଦଣ୍ଡ ଘୋଷଣା କରିସାରିଛି ଏ ଆଦେଶ ତୁମକୁ ମାନିବାକୁ ହେବ। ଅର୍ଜୁନ ସେଦିନ ଅନୁଭବ କରିଥିଲେ ସେ ଈଶ୍ୱରଙ୍କ ହସ୍ତରେ ସେ ଏକ ଆୟୁଧ ମାତ୍ର। ଦ୍ୱାରପାଳ କହିଲେ ହେ ଆଗନ୍ତୁକ ! ତୁମେ ଏ ଦୀକ୍ଷାରେ ଦୀକ୍ଷିତ ହେବ କି ? ନହେଲେ ଯନ୍ତ୍ରଣାରୁ ମୁକ୍ତି ନାହିଁ। ତମସୋ ମା ଜ୍ୟୋତିର୍ଗମୟ। ଅହଂକାର ହିଁ ତମସ ବା ଅନ୍ଧକାର ଶରଣାଗତି ହିଁ ଜ୍ୟୋତି। ମୁଁ ଦେଖିଲି ଦ୍ୱାରପାଳ ମୋ ପାଇଁ ବିଷାଦର ଫାଟକ ଖୋଲି ଦେଇଛନ୍ତି। ଚର୍ତୁଦିଗ ଆଲୋକ ହିଁ ଆଲୋକ ପୁରୁଷୋତ୍ତମ ପ୍ରଭୁ ଜଗନ୍ନାଥ ମୋ ସମ୍ମୁଖରେ ଦଣ୍ଡାୟମାନ।

ଅବସରପ୍ରାପ୍ତ ପ୍ରଧାପିକା, ସିଡ଼ିଏ, ସେକ୍ଟର-୧୦,
କଟକ, ଦୂରଭାଷ : ୯୬୯୨୯୮୦୦୨୬



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଅପହରଣ ହୋଇଥିବା ନାବାଳିକା ଉଦ୍ଧାର , ଦାନଗଦି ଫାଣ୍ଡି ଅଧିକାରୀ ଙ୍କୁ ମିଳିଲା ସଫଳତା,

ଦାନଗଦି: (ମହାଭାରତ) ଯାଜପୁର ଦାନଗଦି ବ୍ଲକ ଅଧିନସ୍ଥ ମାରୁଟିକର ଗ୍ରାମର ନାବାଳିକା ଝିଅ ଖୁସି ଦଳାଇ (୧୫) ବର୍ଷ ।ଗତ ଆଠ ତାରିଖ ବାଡ଼ି ପଛପଟକୁ ଶୌଚ କରିବାକୁ ଯାଇଥିବା ସମୟରେ ଫେରିବାକୁ ବିଳମ୍ବ ହେବାରୁ ଘରଲୋକ ସନ୍ଧାନରେ ଲାଗିପଡିଥିଲେ। ପରେ ନାବାଳିକା ଝିଅ ଖୁସି ନମିଳିବାରୁ ପରେ ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା ।ପରେ ଜଣାପଡିଥିଲା କି ସେହି ଗ୍ରମର ଦୁବାସ ଦଳାଇ ଙ୍କ ପୁଅ ବାପି ଦଳାଇ ସାଙ୍ଗମାନଙ୍କ ସହୋଜୋଗ ରେ ଅପହରଣ କରିଥିବା ପରିବାର ଲୋକେ ଜାଣିବାକୁ ପାଇବାପରେ ନାବାଳିକା କୁ ବାପି ଦଳାଇ (୨୨) ଖୁସି ଦଳାଇ କୁ କଟକ ରେ ଲୁଚାଇଥିବା ଖବର ପାଇବା ପରେ ଫାଣ୍ଡି ଅଧିକାରୀ ଅମୂଲ୍ୟ କୁମାର ମିଶ୍ର ସୋମବାର ରାତ୍ରୀରେ ସେଠାରୁ ଚଢ଼ାଉ କରିବା ସହ ଦୁଇଜଣଙ୍କୁ ଠାବ କରିଥିଲା। ଦୁଇ ଜଣଙ୍କୁ ମଙ୍ଗଳବାର ଅପରାହ୍ନରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ୱାସ୍ଥ୍ୟ ପରୀକ୍ଷା ଡିଏନ ଟେଷ୍ଟ କରିବାପରେ ବାପି ଦଳାଇଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆସିକାରେ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଲେ କୁଳମଣି ସେଠି

ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଥାନା ରେ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଇଛନ୍ତି କୁଳମଣି ସେଠି ।କିଛି ଦିନ ପୂର୍ବରୁ ଆସିକା ଥାନା ଅଧିକାରୀଙ୍କ ବଦଳି ପରେ ଦାୟିତ୍ୱ ତୁଲାଉଥିଲେ ସବ ଇନ୍ସପେକ୍ଟର ଅମ୍ବିକା ବେଣିଆ । ତେବେ ଆସିକା ଜିଲ୍ଲାର ସମ୍ବେଦନଶିଳ ଅଞ୍ଚଳ ଭାବେ ପରିଚିତ ଆସିକା ଥାନା ଅଟେ ଏହାକୁ ଦୃଷ୍ଟିରେ ରଖି ଥାନା ଅଧିକାରୀ ପଦ ଖାଲି ଘଟଣାକୁ ବିଚାରକରି ରାଜ୍ୟ ସରକାର କୁଳମଣୀ ସେଠି ଙ୍କୁ ନିଯୁକ୍ତି କରିଥିବା ବେଳେ ସେ ଆଜି କାର୍ଯ୍ୟରେ ଯୋଗ ଦେଇଥିବା ସୂଚନା ମିଳିଛି। ଦକ୍ଷ ପୋଲିସ ଅଫିସର ଭାବେ ପରିଚିତ କୁଳମଣି ସେଠି ପୂର୍ବରୁ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟ କରିସାରିଥିବା ବେଳେ ଜଗତସିଂହପୁର ଜିଲାରୁ ତାଙ୍କୁ ଆସିକା ଥାନା କୁ ବଦଳି ହୋଇଥିବା ସୂଚନା ରହିଛି । ତେବେ ପାଖାପାଖି ୪ଟା ସମୟରେ ସେ ଆସିକା ଏନଏସି ସ୍ଥିତ ଅଧିଷ୍ଠାତ୍ରୀ ଦେବି ମା ଖମ୍ବେଶ୍ୱରୀ ଙ୍କ ଦର୍ଶନ କରି ଫେରିଥିବା ଦେଖିବାକୁ ମିଳିଛି ।

## ଆର୍.ଡି.ଏସ୍. ଡିଗ୍ରୀ କଲେଜରେ ଶିକ୍ଷା ବିଭାଗର ଆଲୋଚନା ଚକ୍ର




କପ୍ତିପଦା -(ମହାଭାରତ )-: କପ୍ତିପଦା - କୁଣ୍ଡାବାଇ ସ୍ଥିତ ଆର୍. ଡି. ଏସ୍. ଡିଗ୍ରୀ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ତରଫରୁ ଶିକ୍ଷାର ଜଗତୀକରଣ ଓ ଜାତୀୟ ଶିକ୍ଷା ନୀତି ୨୦୨୦ ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଏବଂ ଜଗତୀକରଣ ଓ ନୂତନ ଶିକ୍ଷା ନୀତି ଆମର ଶିକ୍ଷା ବ୍ୟବସ୍ଥାକୁ କିଭଳି ମଜବୁ କରିପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ତଥା ବିଷୟ ବିଶାରଦ ଭାବେ ଲକ୍ଷ୍ମୀ କାନ୍ତ ମହାବିଦ୍ୟାଳୟ, ବାଙ୍ଗିରିପୋଷିର ଅଧ୍ୟକ୍ଷା ତଥା ଶିକ୍ଷା ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ଡ. ପୁଷ୍ପାରାଣୀ ପାତ୍ର ଯୋଗ ଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ବର୍ତ୍ତମାନର ଆବଶ୍ୟକତାକୁ ଆଖିଆଗରେ ରଖି ଏକ ସଂପୂର୍ଣ୍ଣ ପୁନଃ ସଂରଚନା ପ୍ରକ୍ରିୟା ଅନୁଷ୍ଠିତ କରିଛି ଏବଂ ଜଗତୀକରଣ ଦ୍ୱାରା ଶିକ୍ଷାର ମାନ ଓ ଗୁଣବତ୍ତାକୁ ଉତ୍ତତ କରିବା ଓ ପ୍ରତ୍ୟେକ ଛାତ୍ରକୁ ବିଶ୍ୱ ମ□ରେ ସକ୍ରିୟ ଭାଗୀଦାର ନିମନ୍ତେ କିଭଳି ପ୍ରସ୍ତୁତ କରିବା ତାହା ଉଦାହରଣ ମାଧ୍ୟମରେ ବିସ୍ତୃତ ଭାବରେ ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଦିଲ୍ଲୀପ କୁମାର ପ୍ରମାଣିକ ଆଲୋଚ୍ୟ ବିଷୟ ବସ୍ତୁର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେୟ ବିଭାଗୀୟ ଅଧ୍ୟାପକ ଶୁଭକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ମଧୁସ୍ମିତା ପରିଡା କାର୍ଯ୍ୟକ୍ରମ ପରିଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।ଉକ୍ତ ଆଲୋଚନା ଚକ୍ର ରେ ଶିକ୍ଷା ବିଭାଗର ଛାତ୍ର, ଛାତ୍ରୀ ମାନଙ୍କ ମଧ୍ୟରେ ବିଷ୍ଣୁପ୍ରିୟା ମହାନ୍ତି, ସୋମନାଥ ସିଂ, ବିଣା ପାତ୍ର, ପ୍ରିୟଦର୍ଶିନୀ ସିଂ, ଶ୍ରଦ୍ଧାଞ୍ଜଳି ସୋରେନ, ମୋନାଲିସା ହେମ୍ବ୍ରମ ପ୍ରମୁଖ ପ୍ରସ୍ତୁତ କରିଥିବା ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ ପରିଶେଷରେ ସେମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗର ଡେମନଷ୍ଟେଟର ମାନସ କୁମାର ବେହେରା ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଜିଲ୍ଲା ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା

ଦେବଗଡ଼(ମହାଭାରତ): ଦେବଗଡ଼ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳନ ଉପଲକ୍ଷେ ମଧ୍ୟ ଇଂରାଜୀ ଓ ଉଚ୍ଚବିଦ୍ୟାଳୟ ସ୍ତରରେ ସକାଳ ୯ ଘଟିକା ସମୟରେ ସୂଚନା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତା ରେ ବିଚାରକ ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଡ଼ ରାମଚନ୍ଦ୍ର ମହାପାତ୍ର, ଅଧ୍ୟାପକ ମହିଳା ମହାବିଦ୍ୟାଳୟ ଚି□ ରଞ୍ଜନ ଦାସ, ଜିଲ୍ଲା ସଂସ୍କୃତି ପରିଷଦ ସଭ୍ୟ ସୁମିତ୍ରା ପୁରୋହିତ ବିଚାରକ ଭାବେ ଯୋଗଦେଇ ଥିଲେ । ମଧ୍ୟ ଇଂରାଜୀ ସ୍ତରରେ ଚିନ୍ମୟ ବିଦ୍ୟାଳୟ ର ଗୀତିକା ଭୋଇ ୧ମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ରଶ୍ମିତା ବେହେରା, ସନ୍ଧ୍ୟାରାଣୀ ସାହୁ ୨ୟ, ନୋଟ୍ରେ ଡେମ ଏକାଡେମୀ ର ଅନୁଷ୍କା ସାହୁ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ର ଲୋପାମୁଦ୍ରା ବିଶ୍ୱାଳ ୩ୟ, ଉଚ୍ଚ ବିଦ୍ୟାଳୟ ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଲିପସା ଭୋଇ ୧ମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଦିବ୍ୟ ଦୀକ୍ଷା ଝାଙ୍କର ୨ୟ, ଟାଉନ ଉଚ୍ଚ ବିଦ୍ୟାଳୟ ର ରୁପାଲୀ କାଠୋର ୩ୟ ସ୍ଥାନ ଅଧିକାର କରିଛନ୍ତି ।

## ମାଣ୍ଡିଆ ଆଦୃତ ଖାଦ୍ୟ ପାଇଁ ଖାଦ୍ୟ ମେଳା



କନ୍ଧମାଳ (ମହାଭାରତ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ ଅର୍ନ୍ତଗତ ଗୁମାମାହା ପଂଚାୟତ ର ଦିଗି ଗ୍ରାମ ଶ୍ରୀ ଅଓ ଅଭିଜାନ, ସ୍ୱାତୀ, ରାଇକିଆ ଦ୍ୱାରା ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ ଉଦ୍ଘାଟନ କରିଥିବା ବେଳେ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ କୁମାର ପାତ୍ର, ବ୍ଲକ କୃଷି ଅଧିକାରୀ ସଚିନ୍ଦ୍ର କୁମାର ସେଠୀ ଏବଂ ଅନ୍ୟାନ୍ୟ ବିଭାଗିୟ କର୍ମକର୍ତା ମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସହ ମାଣ୍ଡିଆ ସୁପ୍, କାଙ୍ଗୁ ଖିରି ପ୍ରସ୍ତୁତ କରାଯାଇ ପ୍ରଦର୍ଶନ ସହ ଅଂଶଗ୍ରହଣ କାରି ଙ୍କ ମଧ୍ୟରେ ପ୍ରଦାନ କରାଯାଇଥିଲା । ମାଣ୍ଡିଆ ଖାଦ୍ୟ କୁ ଲୋକ ମାନଙ୍କ ମଧ୍ୟରେ ଆଗ୍ରହ ବଢାଇବା ପାଇଁ ସ୍ୱାତୀ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ସହଯୋଗରେ କନ୍ଧମାଳ ମହୋତ୍ସବରେ ଏକ ପଦର୍ଶନୀ ଓ ବିକ୍ରୀ ବ୍ୟବସ୍ଥା ଅନୁଷ୍ଠାନ ତରଫରୁ କରାଯାଇଛି, ଏଥି ସହିତ ୧୩ ପ୍ରକାର ଦେଶି ଧାନ, ବିଭିନ୍ନ ପ୍ରକାର ଦେଶୀ ମାଣ୍ଡିଆ ପଦର୍ଶନୀ କରାଯାଇଛି । ଏହି କାର୍ଯ୍ୟକ୍ରମ କୁ ସ୍ୱାତୀ ର ଶ୍ରୀ ଅଓ ଅଭିଜାନ ର ସଂଯୋଜିକା ଅନ୍ନପୂର୍ଣ୍ଣା ପ୍ରଧାନ, ଜୟରାମ ମଲ୍ଲିକ, ହୃଶିକେଶ ଆମାୟତ ପରିଚାଳନା କରିଥିବା ବେଳେ କୃତିବାସ ପ୍ରଧାନ ଓ ଅନ୍ୟ ସ୍ୱାତୀ କର୍ମୀ ମାନେ ସହଯୋଗ କରିଥିଲେ ।

## ସେବା ସମବାୟ ସମିତି ପକ୍ଷରୁ ସାଧାରଣ ସଭା ଓ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

(ବସ୍ତା /ମହାଭାରତ) ବସ୍ତା ବ୍ଲକ ପାଉଁଶକୁଲି ସେବା ସମବାୟ ସମିତି ଲି ପରିସରରେ ସମିତି ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ଓ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛ। କାର୍ଯ୍ୟକ୍ରମ କୁ ସମିତିର ସଭାପତି ସଞ୍ଜୀବ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ , ସମ୍ପାଦକ ରାସ ବିହାରୀ ଦାସ ବାର୍ଷିକ ବିବରଣୀ ସହିତ ଆୟ ବ୍ୟୟ ଓ ବଜେଟ ସମ୍ବନ୍ଧୀୟ ସୂଚନା ଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବସ୍ତା ଶାଖାର ସୁପର ଭାଇଜର ଜ୍ୟୋତିଶଙ୍କର ଭୂୟାଁ ,କ୍ୟାସୀୟର ହରିହର ମହାନ୍ତି, ସନ୍ତୋଷପୁର ସେବା ସମବାୟ ସମିତିର ସମ୍ପାଦକ ଅଞ୍ଜନ କୁମାର ଦାସ,ତାଡ଼ଦା ପଞ୍ଚାୟତ ର ସରପଞ୍ଚ□ ପ୍ରଭାତ କୁମାର ଦାସ, ପୂର୍ବତନ ଜିଲ୍ଲା ପରିସଦ ସଦସ୍ୟ ଅଜୟ କୁମାର ସାହୁ, ସମିତି ପରିଚାଳନା ସମିତିର ସଦସ୍ୟ ହେମେନ୍ଦ୍ର ବାରିକ , କାର୍ତ୍ତିକ ପାତ୍ର, ବିଜୟ କୁମାର ଦତ୍ତ, ଆଦିତ୍ୟ କୁମାର ପ୍ରଧାନ, ବିଜୟ କୁମାର ପାଳ,ବିଷ୍ଣୁ ଚରଣ ଜେନା, ମନ୍ମଥ କୁମାର ଗିର, ତୁଳସୀ ଦ□, ରାଜସ୍ମିତା ପରିଡ଼ା, ବିଷ୍ଣୁ ଚରଣ ଲେଙ୍କା, ଅବନୀ ଗିର, ପଞ୍ଚାନନ ବାରିକ, ଚତୁର୍ଭୁଜ୍ ଚନ୍ଦ ପ୍ରମୁଖ ଯୋଗ ଦେଇ ସମବାୟ କୁ ସଶକ୍ତ, ସୁଦୃଢ କରିବାକୁ ହେ, ଦେଲେ ଯାଇ ଚାଷୀ ସମୃଦ୍ଧ ହେବେ ବୋଲି ନିଜର ସାରଗର୍ଭ ଅଭିଭାଷଣ ରଖିଥିଲେୟ ଉପସ୍ଥିତ ଚାଷୀ ମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ମଧ୍ୟ ନିଜ ନିଜର ମତ ପ୍ରକାଶ କରିଥିବା ବେଳେ, ସେବା ସମବାୟ ସମିତିର କର୍ମଚାରୀ ମଧୁସୁଦନ ସାହୁ, ପ୍ରବୀର୍ କୁମାର ସେନାପତି, ବଂଶୀଧର ଦେ, ଅବିନାଶ ଦତ୍ତ ପରିଚାଳନାରେ ସହଯୋଗ କରିଥିଲେ।

## ସହରରେ ଶାନ୍ତି ଶୃଙ୍ଖଳା ରକ୍ଷାପାଇଁ ପୋଲିସର ଫ୍ଲାଗମାର୍ଚ୍ଚ

ଯୋଡା,(ମହାଭାରତ)ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଓ ଇଦଉଲଫିତର ପରିପ୍ରେକ୍ଷୀରେ ଯୋଡ଼ା ପୋଲିସ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ଯୋଡ଼ା ଥାନା ଠାରୁ ଆରମ୍ଭ କରି ସମଗ୍ର ଯୋଡ଼ା ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି । ବଡ଼ବିଲ ଏସ ଡି ପି ଓ ଦେବେନ୍ଦ୍ର ପିଙ୍ଗୁଆ ଏବଂ ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଏଥିରେ ଚାରି ପ୍ଲାଟୁନ ଫୋର୍ସ, ପୋଲିସ କର୍ମଚାରୀ ଏହି ଫ୍ଲାଗ ମାର୍ଚ୍ଚ ରେ ସାମିଲ ହୋଇଥିଲେ । ଆଗାମୀ ୩୦ୟ୩ୟ୨୦୨୫ରିଖ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଓ ୩୧ୟ୩ୟ୨୦୨୫ରିଖ ଇଦଉଲଫିତର ଥିବାରୁ ସହରରେ ଶାନ୍ତି ଶୃଙ୍ଖଳା ପରିସ୍ଥିତି କୁ ନିୟନ୍ତ୍ରଣ କରିବା ପାଇଁ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଛି । ତେବେ ଏହାକୁ ଦୃଷ୍ଟିରେ ରଖି ଯୋଡ଼ା ସହର ର ବସ୍ତି ଅଞ୍ଚଳ ଓ ବଜାର ଅଞ୍ଚଳର ବିଭିନ୍ନ ୱାର୍ଡରେ ଏହି ଫ୍ଲାଗମାର୍ଚ୍ଚକୁ ବଳବ□ର କରାଯାଇଛି । ଲୋକମାନଙ୍କ ମଧ୍ୟରେ ସଦଭାବନା ଓ ଭାଇଚାରାର ସମ୍ପର୍କ ମଧ୍ୟରେ ଉଭୟ ପର୍ବ ପାଳନ କରାଯିବାକୁ ଏହି ଫ୍ଲାଗମାର୍ଚ୍ଚ ମାଧ୍ୟମରେ ସନ୍ଦେଶ ଦିଆଯାଇଛି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଇ-ଅଫିସ୍ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ




ଗଜପତି(ମହାଭାରତ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ-୪ ଠାରେ ଇ-ଅଫିସ୍ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତଲିମ୍ କାର୍ଯ୍ୟକ୍ରମ ୨୫ ଠାରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଶ୍ରୀ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ ଗଜପତି, ଶ୍ରୀ ଅଂଶୁମାନ ମହାପାତ୍ର, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଏହି ତାଲିମ୍ କାର୍ଯ୍ୟକ୍ରମକୁ ଶ୍ରୀ ଦୀପକ କୁମାର ମଲ୍ଲିକ ଓ ଶ୍ରୀମତୀ କବିତା ରାଣୀ ରାଉତ ,ପ୍ରଶିକ୍ଷକ ଭୁବନେଶ୍ୱର ଇ-ଅଫିସ୍ ତାଲିମ କାର୍ଯ୍ୟକ୍ରମ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହାର ଉଦ୍ଦେଶ୍ୟ ଡିଜିଟାଲ୍ ଇଣ୍ଡିଆ କାର୍ଯ୍ୟକ୍ରମର ଏକ ଅବିଚ୍ଛେଦ ଅଂଶ ହୋଇଥିବାରୁ ଇ-ଅଫିସ୍ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ସରଳୀ କୃତ, କ୍ରିୟାଶୀଳ ଓ ସ୍ୱଚ୍ଛତାର କାର୍ଯ୍ୟ ହାସଲ କରିବାର ମାଧ୍ୟମ ଅଟେ। ଏହାଦ୍ୱାରା କାର୍ଯ୍ୟ ପ୍ରଣାଳୀ ଆଧାରିତ ସିଷ୍ଟମ ଯାହା ଫାଇଲ ଗୁଡ଼ିକର ମାନୁଆଲ୍ ପରିଚାଳନାର ଅଧିକ ଦକ୍ଷ ନେଇ ଇଲେକ୍ଟ୍ରୋନିକ୍ ସିଷ୍ଟମ ସହିତ ବିସ୍ତାର କରିଥାଏୟ ଏହି ପ୍ରଣାଳୀ ମାଧ୍ୟମରେ ଏକ ଡକ୍ୟୁମେ□ର ସମଗ୍ର ଜୀବନ ଚକ୍ରରେ ସରକାରୀ କାର୍ଯ୍ୟ ପ୍ରବାହ ପରିଚାଳନା କରିବା ପାଇଁ ପରସ୍ପର ସହିତ ଜଡିତ ହୋଇଥାଏ। ଏଥିରେ ସ୍କାନିଂ, ଇଲେକ୍ଟ୍ରୋନିକ୍ ,ଫାଇଲ୍ ସୃଷ୍ଟି, ନୋଟିଂ ଏବଂ ଡ୍ରାଫ୍ଟରେ ଡିଜିଟାଲ୍ ସକ୍ଷାର, ପ୍ରେରଣ, ଫାଇଲ୍ ଏବଂ ରସିଦ ଗୁଡ଼ିକର ଦ୍ରୁତ ପ୍ରକ୍ରିୟାକରଣ ଏବଂ ଗତି, ଫାଇଲ୍ ଏବଂ ରସିଦ ବନ୍ଦ କରିବା ଏବଂ ଶେଷରେ ରେକର୍ଡ ଗୁଡ଼ିକର ଅଭିଲେଖାଗାର ଅନ୍ତର୍ଭୁକ୍ତ ଇତ୍ୟାଦି ବିଷୟରେ ଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଇ-ଅଫିସ୍ ତାଲିମ କାର୍ଯ୍ୟକ୍ରମରେ ସମସ୍ତ ଡେପୁଟି କଲେକ୍ଟର, ସହାୟକ କଲେକ୍ଟର, ସମସ୍ତ ସେକ୍ସନ ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ, ଜୁନିଅର ରାଜସ୍ୱ ସହାୟକ ସମେତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କର୍ମଚାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ପ୍ରଶିକ୍ଷଣ ନେଇଥିଲେ। ଏହି ଏହି ପ୍ରଶିକ୍ଷଣ କର୍ମଶାଳାକୁ ଶ୍ରୀ ଟି.ବାଳକୃଷ୍ଣ ମୂର୍ତ୍ତୀ, ଡିଆଇଓ, ଏନଆଇସି ଗଜପତି, ଶ୍ରୀ ରାଜ ଆନନ୍ଦ, ସହକାରୀ ଡିଆଇଓ, ଏନଆଇସି ଗଜପତି, ଶ୍ରୀ ପ୍ରଶାନ୍ତ କୁମାର ସାହୁ, ସି ଏମ ଜି ଆଇ, ସଂଯୋଜକ ତ□ାବଧାନରେ ଏହି ତାଲିମ୍ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

## ଚୈତ୍ର ଦ୍ୱିତୀୟ ମଙ୍ଗଳବାର ରେ ମା ଖମ୍ବେଶ୍ୱରୀ ପୀଠ ରେ ପ୍ରବଳ ଜନସମାଗମ



ଆସିକା (ମହାଭାରତ) ଚୈତ୍ର ମାସ ଦୁତୀୟ ମଙ୍ଗଳବାର । ପବିତ୍ର ଚୈତ୍ର ମଙ୍ଗଳବାର ପାଇଁ ଚଳଚ□ଳ ହୋଇଉଠିଛି ଗଞ୍ଜାମ ଜିଲ୍ଲା ଆସିକା ଏନଏସି ଖମ୍ବେଶ୍ୱରୀ ପାଟଣା ସ୍ଥିତ ଅଞ୍ଚଳର ଇଷ୍ଟ ଦେବୀ ମା ଖମ୍ବଶ୍ରୀଙ୍କ ପୀଠ । ମା ଙ୍କ ପୀଠରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମିଛି ।ସୁରକ୍ଷା ବଳୟ ଭିତରେ ଲମ୍ବା ଲାଇନ୍ ଲଗେଇ ଭକ୍ତ ମାନେ ମାଆ ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ତେବେ ବିଶ୍ୱାସ ରହିଛି ଶିଶୁ ର ପ୍ରଥମ ଚୁଟି ବା ମୁଣ୍ଡନ ମା ଙ୍କ ପୀଠରେ କଲେ ମଙ୍ଗଳ ହୋଇଥାଏ । ତେଣୁ ଏହି ଦିନ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଙ୍କ ସୁଅ ଛୁଟିଥାଏ ମାଙ୍କ ପୀଠକୁ । ଶ୍ରଧାଳୁ ନିଜ ନିଜ ଶୁଶୁ ର ମୁଣ୍ଡନ ପରେ ମା ଙ୍କୁ ଦର୍ଶନ କରିଥାନ୍ତି । ଅନ୍ୟପଟେ ଶିଶୁ ଙ୍କ ମୁଣ୍ଡନ ଲାଗି ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଭିଡ଼ କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଙ୍କ ଭିଡ଼ ମନ୍ଦିର ପରିସରରେ ଲାଗି ରହିଥିବା ଦେଖିବାକୁ ମିଳିଛି ।

## ଆଖୁ ଚାଷ ଉପରେ କୃଷକ ମାନଙ୍କୁ ପ୍ରଶିକ୍ଷଣ ଶିବିର

ଆସିକା(ମହାଭାରତ)-ଓଡିଶା ସରକାରଙ୍କ କୃଷି ବିଭାଗ ପକ୍ଷରୁ ଆସିକା ବ୍ଲକ କୃଷି କାର୍ଯ୍ୟାଳୟ ସଭା ଗୃହ ରେ ଆଖୁ ଚାଷୀ ମାନଙ୍କ ଦକ୍ଷତା ବୃଦ୍ଧି ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଚିନି ଶିଳ୍ପ ର ପରିଚାଳନା ପରିଷଦ ର ସଭାପତି ରବୀନ୍ଦ୍ର ପଣ୍ଡା, ଚିନି ଶିଳ୍ପ ର କେନ ମେନେଜର ପ୍ରଶାନ୍ତ ପାଢ଼ୀ,ଆସିକା ବ୍ଲକ କୃଷି ଅଧିକରୀ ବାସୁଦେବ ସାହୁ, ଶୁଭେଦା ମିଶ୍ର, ସିଡିଏସ ଅମିତ ବିଶ୍ୱାଳ, ଲଲାଟେନ୍ଦୁ ସ୍ୱାଇଁ, ସୁଶାନ୍ତ ଗଉଡ଼ ପ୍ରମୁଖ ଉପସ୍ଥିତ ଥିଲେ । ନୂତନ ଜ୍ଞାନ କୌଶଳ ପଦ୍ଧତି ବିନିଯୋଗ କରି ଆଖୁଚାଷ କରିବା ପ୍ରଣାଳୀ, ମୂଳି ଆଖୁ ପରିଚାଳନା, ବିହନ ଉତ୍ପାଦନ କାର୍ଯ୍ୟକ୍ରମ, ଅଧିକ ଆଖୁ ଉତ୍ପାଦନ ପ୍ରଣାଳୀ , ସଅଳ ଆଖୁଚାଷ,ଜଳ ସେଚନ ର ବହୁଳ ବ୍ୟବହାର, ମୃତ୍ତିକା ପରୀକ୍ଷା, ଠିକ ସମୟରେ ରୋଗ ପୋକ ନିୟନ୍ତ୍ରଣ ନିମନ୍ତେ ଜୈବିକ ଓ ରାସାୟନିକ ର ସାର ର ପ୍ରୟୋଗ, ବନ୍ୟ ଜନ୍ତୁ ରୁ ରକ୍ଷା ପାଇଁ କିଭଳି ପଦକ୍ଷେପ ନେବା, ବ୍ୟାଙ୍କ ରୁ କମ ଦର ରେ ଋଣ ପ୍ରଦାନ, ଉପରେ ଧାରଣା ପ୍ରଦାନ କରାଯାଇଥିଲ।ବ୍ଲକ କୃଷି କାର୍ଯ୍ୟାଳୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଆତ୍ମା ର ଅଧକ୍ଷ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା ।




## ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଗୋବରଘାଟିରେ ୨ଟି ନବୀକରଣ ପୋଖରୀ ଲୋକାର୍ପିତ

### ଉପକୃତ ହେବେ ସ୍ଥାନୀୟ ଅଞ୍ଚଳର ୪୫୦ ପରିବାର



କଳିଙ୍ଗନଗର(ମହାଭାରତ): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଯାଜପୁର ଜିଲ୍ଲା ସୁକିନ୍ଦା ଗୋବରଘାଟି ଫେଜ୍-୨ କଲୋନୀର ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ଦୁଇଟି ନବୀକରଣ ହୋଇଥିବା ଗୋଷ୍ଠୀ ପୋଖରୀ କୁ ଲୋକାର୍ପଣ କରାଯାଇଛି। ଏହି ପୋଖରୀ ଦ୍ୱାରା ଆଖପାଖ ଅଞ୍ଚଳରେ ରହୁଥିବା ୪୫୦ ପରିବାର ଉପକୃତ ହେବେ।ଟାଟା ଷ୍ଟିଲର କର୍ପୋରେଟ ସର୍ଭିସେସ ଉପାଧ୍ୟକ୍ଷ ତଥା ଟାଟା ଷ୍ଟିଲ ଫାଉଣ୍ଡେସନର ନିର୍ଦ୍ଦେଶକ ଚାଣକ୍ୟ ଚୌଧୁରୀ ଟିଏସକେ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ଦାମୋଦର ସୋଏ, ଟାଟା ଷ୍ଟିଲ କଳିଙ୍ଗନଗରର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଦେବଦୂତ ମହାନ୍ତି, କଳିଙ୍ଗନଗର ଇଣ୍ଟେଗ୍ରେଟ୍ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଏବଂ ସ୍ଥାନୀୟ ଆଦିବାସୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତିରେ ଏହି ପୋଖରୀଗୁଡ଼ିକୁ ଉଦ୍ ଘାଟନ କରାଯାଇଥିଲା।ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଏହି ପୋଖରୀ ମରାମତି ପରେ ଏହି ଦୁଇ ପୋଖରୀର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସ୍ଥାନୀୟ ଅଞ୍ଚଳରେ କଂକ୍ରିଟ୍ ରାସ୍ତା, ଉପଲବ୍ଧ ଜିମ୍ ଉପକରଣ, ଖେଳ ପଡ଼ିଆ, ଷ୍ଟିଟ୍ ଲାଇଟ୍, ବାଡ଼, ପଥର ପିଚିଂ, ଚାରାରୋପଣ ଆଦି କାର୍ଯ୍ୟ କରାଯାଇଛି। ଏହି ଅବସରରେ ଚାଣକ୍ୟ ଚୌଧୁରୀ କହିଛନ୍ତି ଯେ: ଗୋବରଘାଟି ସ୍ଥିତ ଏହି ଦୁଇଟି ପୋଖରୀ ସ୍ଥାନୀୟ ଲୋକମାନଙ୍କ ଦୈନନ୍ଦିନ ଜୀବନ ପାଇଁ ବହୁ ଗୁରୁତ୍ୱ ବହନ କରୁଛି। ପୋଖରୀଗୁଡ଼ିକ ପୁନର୍ଜୀବନ ପାଇବା ଫଳରେ ଏହା ଲୋକଙ୍କ ମଙ୍ଗଳ ଏବଂ ସ୍ଥାନୀୟ ଅଞ୍ଚଳର ପରିବେଶ ସନ୍ତୁଳନ ରକ୍ଷା କରିବାରେ ସହାୟକ ହେବ ବୋଲି ଆମେ ଆଶା କରୁଛୁୟ ଟାଟା ଷ୍ଟିଲ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଆମେ କଳିଙ୍ଗନଗରବାସୀଙ୍କ ପ୍ରତି କୃତଜ୍ଞ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ପୋଖରୀରେ ମାଛ ଧରିବା ବ୍ୟତୀତ ସ୍ଥାନୀୟ ବାସିନ୍ଦାମାନେ ବହୁ ପର୍ବପର୍ବାଣୀ ଏବଂ ଉତ୍ସବ ମଧ୍ୟ ପାଳନ କରିଥାନ୍ତି ।ଏହି ପାଣି ଅନ୍ୟାନ୍ୟ ଘରୋଇ କାର୍ଯ୍ୟରେ ମଧ୍ୟ ବ୍ୟବହୃତ ହୁଏ ଏବଂ ଏହି ପରିବାରଗୁଡ଼ିକର ଜୀବନ ଧାରଣ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ । ବାଲୋହାରୀ ଗ୍ରାମର ତଳିଆ ଅଂଚଳରୁ ବାରମ୍ବାର ଝରଣା ଆସୁଥିବାରୁ ଏହି ଦୁଇଟି ପୋଖରୀରେ ବର୍ଷ ସାରା ପାଣି ରହିଥାଏ।



ମହାଭାରତ ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






# ଗାଜାରେ ଇସ୍ରାଏଲର ବୋମାମାଡ଼, ୫୧ ମୃତ



**ନୂଆଦିଲ୍ଲୀ,୨୫।୩(ଏଜେନ୍ସି):** ଇସ୍ରାଏଲ ଏବଂ ହମାସ ମଧ୍ୟରେ ପ୍ରାୟ ୬ ସପ୍ତାହ ଧରି ଚାଲିଥିଲା ଯୁଦ୍ଧ। ଇସ୍ରାଏଲ ଆକ୍ରମଣରେ ଗାଜାରେ ପୁଣି ୫୧ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଆକ୍ରମଣରେ ଇସ୍ରାଏଲୀ କମାଣ୍ଡର ମଧ୍ୟ ନିହତ ହୋଇଛନ୍ତି । ଇସ୍ରାଏଲ ହମାସ ଯୁଦ୍ଧରେ ଏ ପର୍ଯ୍ୟନ୍ତ ୫୦ ହଜାରରୁ ଅଧିକ ପାଲେଷ୍ଟାନୀୟ ପ୍ରାଣ ହରାଇଥିବା ଜଣାପଡ଼ିଛି । ଏହା ବ୍ୟତୀତ ଆହତ ୧ ଲକ୍ଷ ୧୩ ହଜାରରୁ ଅଧିକ ଲୋକ ହୋଇଛନ୍ତି । ସଂଘର୍ଷରେ ଏ ପର୍ଯ୍ୟନ୍ତ ୫୦ ହଜାର ପାଲେଷ୍ଟାଇନୀୟଙ୍କ ମୃତ୍ୟୁ ହେଲାଣି । ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ଚାଲିଥିବା ସମୟରେ ଇସ୍ରାଏଲ ଶହ ଶହ ପାଲେଷ୍ଟିନୀୟ ବନ୍ଦୀଙ୍କୁ ମୁକ୍ତ କରିଥିଲା । ହମାସ ମଧ୍ୟ ୧୫୦ ବନ୍ଧକଙ୍କୁ ମୁକ୍ତ କରିଥିଲା । ୭ ଅକ୍ଟୋବର ୨୦୨୩ରେ ଏହି ଲୋକମାନଙ୍କୁ ହମାସ ଅପହରଣ କରିଥିଲା । ସେବେଠାରୁ ତାଙ୍କୁ ବନ୍ଧକ ରଖାଯାଇଥିଲା। ପ୍ରାୟ ୬୦ ଜଣ ବନ୍ଧକ ଏବେ ବି ହମାସ ପାଖରେ ଥିବା ରିପୋର୍ଟରେ କୁହାଯାଇଛି । କିନ୍ତୁ, ଯେତେବେଳେ ଯୁଦ୍ଧ ବିରତି ବୃଦ୍ଧି କରିବା ନେଇ କୌଣସି ହମତି ହୋଇନଥିଲା, ଇସ୍ରାଏଲ ପୁଣି ଥରେ ଆକ୍ରମଣକୁ ତୀବ୍ର କରିଥିଲା । ଗତ ୩ରୁ ୪ ଦିନ ମଧ୍ୟରେ ଇସ୍ରାଏଲ ଗାଜା ଉପରେ ଭୟଙ୍କର ଆକ୍ରମଣ ଜାରି ରଖିଛି । ଯେଉଁଥିରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଛି। ରବିବାର ପୁଣି ଗାଜା ଉପରେ ଏୟାରଷ୍ଟ୍ରାଇକ କରିଥିଲା ଇସ୍ରାଏଲ । ଯେଉଁଥିରେ ୫୧ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଆକ୍ରମଣରେ ଜଣେ ଶୀର୍ଷ ଇସ୍ରାଏଲୀ କମାଣ୍ଡର ମଧ୍ୟ ନିହତ ହୋଇଛନ୍ତି । ଏ ପର୍ଯ୍ୟନ୍ତ ମିଳିଥିବା ସୂଚନାନୁସାରେ, ରବିବାର ଇସ୍ରାଏଲୀ ଆକ୍ରମଣରେ ୫୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସେଥିମଧ୍ୟରୁ ଜଣେ ଇସ୍ରାଏଲୀ ରାଜନୈତିକ ଶାଖାର ସଦସ୍ୟ ଇସମାଇଲ ବାରହୋମ । ସେ ଖାନ ୟୁନିସ ସହରର ନାସିର ହସ୍ପିଟାଲରେ ଚିକିତ୍ସାଧିନ ଥିଲେ । ଏହି ସମୟରେ ଇସ୍ରାଅଲ ଆକ୍ରମଣ କରିଥିଲା, ଯେଉଁଥିରେ ସେ ନିହତ ହୋଇଥିଲେ । ଏହା ବ୍ୟତୀତ ଇସ୍ରାଏଲ ଲେବାନନରେ ମଧ୍ୟ ଆକ୍ରମଣ କରିଛି, ଯେଉଁଥିରେ ୮ ଜଣଙ୍କର ମୃତ୍ୟୁ ହୋଇଛି । ଲେବାନନରେ ସକ୍ରିୟ ଥିବା ଏକ ଆତଙ୍କବାଦୀ ସଙ୍ଗଠନ ହିଜବୋଲା ଇସ୍ରାଏଲୀ ଆକ୍ରମଣକୁ ଅସ୍ୱୀକାର କରିଛି । ପ୍ରାୟ ଦେଢ଼ ବର୍ଷ ଧରି ଏକାକୀ ହମାସ ସହିତ ଲଢ଼ିବା ପରେ ଇସ୍ରାଏଲ ମଧ୍ୟ ଗତ ୪ ବର୍ଷ ଧରି ହିଜବୋଲାକୁ ଟାର୍ଗେଟ କରିଆସୁଛି ।

# ଫହିମ ଖାନଙ୍କ ଘର ଉପରେ ଚାଲିଲା ବୁଲଡୋଜର

**ମୁମ୍ବାଇ,୨୫।୩(ଏଜେନ୍ସି):** ନାଗପୁର ସାମ୍ପ୍ରଦାୟିକ ହିଂସାର ମୁଖ୍ୟ ଅଭିଯୁକ୍ତଙ୍କ ଘରେ ଉପରେ ଚାଲିଲା ବୁଲଡୋଜର । ବେଆଇନ ଭାବେ ନିର୍ମାଣ ହୋଇଥିଲା ଫହିମ ଖାନ ଘର । ପୋଲିସ ଏବଂ ପ୍ରଶାସନର ଉପସ୍ଥିତିରେ ଫହିମ ଖାନଙ୍କ ବେଆଇନ ନିର୍ମାଣ ଉପରେ ବୁଲଡୋଜର ଚଳାଯାଇଛି । ନାଗପୁରର ଯଶୋଧରା ନଗର ଅଞ୍ଚଳର ସଞ୍ଜୟ ବାଗ କଲୋନୀରେ ଅବସ୍ଥିତ ଏହି ଘରଟି ଫହିମଙ୍କ ସ୍ତ୍ରୀଙ୍କ ନାଁରେ ପଞ୍ଜିକୃତ ଥିଲା । ଘରଟି ୮୬.୪୮ ବର୍ଗ ମିଟରରେ ନିର୍ମିତ। ଫହିମର ମୋମିନପୁରା ଅଞ୍ଚଳରେ ଏକ ବୁର୍ଖା ଦୋକାନ ଅଛି ।ନାଗପୁର ହିଂସାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଥିବା ଫହିମ ଖାନଙ୍କ ବିରୋଧରେ ମାର୍ଚ୍ଚ ୨୧ ରେ ଏକ ନୋଟିସ୍ ଜାରି କରାଯାଇଥିଲା । ୨୪ ଘଣ୍ଟା ମଧ୍ୟରେ ବେଆଇନ ନିର୍ମାଣକୁ ଭାଙ୍ଗିବାକୁ ନିଜେ କହିଥିଲା ବିଏମସି। ଆଜି ପୌରପାଳିକା ବେଆଇନ ନିର୍ମାଣକୁ ଭାଙ୍ଗି ଦେବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସହରରୁ କର୍ଫ୍ୟୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯିବାର ଗୋଟିଏ ଦିନ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । କହିରଖୁ କି, ମାଲେଗାଓଁର ବାସିନ୍ଦା ଏବଂ ଜଣେ ସ୍ଥାନୀୟ ରାଜନେତା ଫହିମ ଖାନଙ୍କୁ



ଗତ ସପ୍ତାହରେ ଗିରଫ କରାଯାଇଥିଲା ଏବଂ ତାଙ୍କ ବିରୁଦ୍ଧରେ ଦେଶଦ୍ରୋହ ଅଭିଯୋଗ ଆସିଛି । ନାଗପୁର ହିଂସା ମାମଲାରେ ଏପର୍ଯ୍ୟନ୍ତ ୧୧୨ ଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରେ ୨୧ ଜଣ ନାବାଳକ ଥିବା ବେଳେ ନାବାଳକମାନେ ପୋଲିସ ହେପାଜତରେ ଅଛନ୍ତି । ଅଭିଯୁକ୍ତଙ୍କ ମଧ୍ୟରୁ ୨୧ଜଣଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦିଆଯାଇଛି । ଛତ୍ରପତି ସମ୍ଭାଜୀନଗରରେ ଔରଙ୍ଗଜେବଙ୍କ ସମାଧିସ୍ଥଳକୁ ହଟାଇବା ଦାବିରେ ବିଶ୍ୱ ହିନ୍ଦୁ ପରିଷଦ ନେତୃତ୍ୱରେ ଚାଲିଥିବା ପ୍ରତିବାଦ ସମୟରେ ଧାର୍ମିକ ଶିଳାଲେଖ ସହିତ ଏକ 'ଚଦର' ପୋଡ଼ି ଦିଆଯାଇଥିବା ଗୁଜବ ମାର୍ଚ୍ଚ ୧୭ରେ ଆରମ୍ଭ ହୋଇଥିଲା । ଏହି ସଂଘର୍ଷ ଫଳରେ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପଥରମାଡ଼ ଏବଂ ପୋଡ଼ାଜଳା ହୋଇଥିଲା । ଯେଉଁଥିରେ ୩ ଜଣ ଡେପୁଟି ପୋଲିସ କମିଶନର ଅଧିକାରୀ ସମେତ ୩୩ ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ ।

# କୁନାଲ କିଛି ଭୁଲ କରିନାହାନ୍ତି



**ମୁମ୍ବାଇ,୨୫।୩(ଏଜେନ୍ସି):** ବ୍ୟଙ୍ଗକାର କୁନାଲ କାମରାଙ୍କ ବ୍ୟଙ୍ଗଗୀତ ସମ୍ପର୍କରେ ୟୁବିଟି ମୁଖ୍ୟ ଉଦ୍ଧବ ଠାକରେ କହିଛନ୍ତି ଯେ ମୁଁ ଭାବୁନାହିଁ ଯେ କୁନାଲ କାମରା କିଛି ଭୁଲ କହିଛନ୍ତି । ଯିଏ ବିଶ୍ୱାସଘାତକ, ସେ ବିଶ୍ୱାସଘାତକ । ତାଙ୍କ ଗୀତରେ କୌଣସି ଭୁଲ ନାହିଁ । ସମ୍ପୂର୍ଣ୍ଣ ଗୀତଟି ଶୁଣନ୍ତୁ ଏବଂ ଅନ୍ୟମାନଙ୍କୁ ମଧ୍ୟ ଶୁଣାଇ ଦିଅନ୍ତୁ । ଉଦ୍ଧବ କହିଛନ୍ତି ଯେ ଏହି ଆକ୍ରମଣ ସହିତ ଶିବସେନାର କୌଣସି ସମ୍ପର୍କ ନାହିଁ । ଯେଉଁମାନଙ୍କ ରକ୍ତରେ 'ଦେଶଦ୍ରୋହ' ଅଛି, ସେମାନେ କେବେ ଶିବସୈନିକ ହୋଇପାରିବେ ନାହିଁ । ଷ୍ଟାଣ୍ଡ-ଅପ୍ କମେଡିଆନ୍ କାମରା ଯେଉଁଭଳି ଭାବରେ ଏକ ଗୀତ ମାଧ୍ୟମରେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଅପମାନିତ କରିବାକୁ ଚେଷ୍ଟା କରିଛନ୍ତି, ତାହା ଭୁଲୟ ଆମେ ତାଙ୍କୁ ନିନ୍ଦା କର । ଏପରି ଜିନିଷକୁ ସହ୍ୟ କରାଯାଇପାରିବ ନାହିଁ । କାମରା ଜାଣିବା ଉଚିତ ଯେ ଜନତା ୨୦୨୪ ନିର୍ବାଚନରେ ନିଷ୍ପତ୍ତି ନେଇସାରିଛନ୍ତି ଯେ କିଏ ବିଶ୍ୱାସଘାତକ ?ଶୋ' ସମୟରେ କାମରା ଏକ ଗୀତ ମଧ୍ୟ ଗାଇଥିଲେ । ବଲିଉଡ ଫିଲ୍ମ ଦିଲ୍ ତୋ ପାଗଲ ହୈର ଏକ ଗୀତର ତାଳେ ତାଳେ ସେ ଏକ ବ୍ୟଙ୍ଗ ଗୀତ ଗାଇଥିଲେ ଯେଉଁଥିରେ ସିନ୍ଦେଙ୍କୁ ବିଶ୍ୱାସଘାତକ କୁହାଯାଇଥିଲା । ଏହା ପରେ ଶିବସୈନିକମାନେ ଆକ୍ରାମକ ହୋଇ ସଂପୃକ୍ତ ଷ୍ଟୁଡିଓକୁ ଭାଙ୍ଗିଦେଇଛନ୍ତି ।

# ଶିବକୁମାରଙ୍କ ମନ୍ତବ୍ୟକୁ ନେଇ ବିବାଦ

**ନୂଆଦିଲ୍ଲୀ,୨୫।୩(ଏଜେନ୍ସି):** ସରକାରୀ ଠିକାକାମରେ ମୁସଲମାନଙ୍କୁ ସଂରକ୍ଷଣ ଓ ହନିଟ୍ରାପକୁ ନେଇ ବିବାଦରେ କର୍ଣ୍ଣାଟକ ସରକାର । ଏହା ମଧ୍ୟରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ଏକ ବୟାନକୁ ନେଇ ବିଜେପି-କଂଗ୍ରେସ ମୁହାଁମୁହିଁ । ଏକ ଘରୋଇ ଚାନେଲରେ ଶିବକୁମାର କହିଥିଲେ, ମୁସଲିମ୍ ସଂରକ୍ଷଣ ବିଲ୍ ପାଇଁ ଦରକାର ପଡିଲେ ଭବିଷ୍ୟତରେ ଆମେ ସମ୍ବିଧାନ ବଦଳାଇ ଦେବୁ । ତାଙ୍କର ବୟାନକୁ ନେଇ ସଂସଦରେ ଦେଖିବାକୁ ମିଳିଛି ଜୋରଦାର ହଙ୍ଗାମା । କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମନ୍ତବ୍ୟକୁ ନେଇ ବିବାଦ । ସଂସଦରେ ବିଜେପିର ଜୋରଦାର ହଙ୍ଗାମା । କଂଗ୍ରେସକୁ ଟାର୍ଗେଟ କରିଛନ୍ତି ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରଣ ରିଜିଜୁ । ସେ ରାଜ୍ୟସଭାରେ କହିଛନ୍ତି, ଶିବକୁମାରଙ୍କୁ ଇସ୍ତଫା ଦେବା ଉଚିତ । ତାଙ୍କ ଭଳି ଜଣେ ନେତା, ଯିଏକି ସାମ୍ବିଧାନିକ



ପଦରେ ଅଛନ୍ତି, ସେ କିଭଳି ଏପରି କହିପାରୁଛନ୍ତି । ଆଜି ସେ ଲୋକମାନେ କେଉଁଠି ଅଛନ୍ତି, ଯେଉଁମାନେ କହୁଥିଲେ ସମ୍ବିଧାନକୁ ସୁରକ୍ଷା ଦେଉଛନ୍ତି । ହେଲେ ଏବେ ସେମାନେ ଆମ୍ବେଦକରଙ୍କୁ ଅପମାନ କରୁଛନ୍ତି । ଏହାର ଜବାବରେ ରାଜ୍ୟସଭାରେ ବିରୋଧି ଦଳ ନେତା ମାଲିକାର୍ଜୁନ ଖଡଗେ କହିଛନ୍ତି, କଂଗ୍ରେସ ହେଉଛି ସେହି ଦଳ, ଯିଏକି ସମ୍ବିଧାନ ରକ୍ଷା କରିଛି। ଏହି ପ୍ରସଙ୍ଗର ପ୍ରଭାବ ମଧ୍ୟ ଲୋକସଭାରେ ଦେଖିବାକୁ ମିଳିଥିଲା । ସେଠାରେ ଜୋରଦାର ହଙ୍ଗାମା ହୋଇଥିଲା । ରିଜିଜୁ କହିଛନ୍ତି, ଶିବକୁମାରଙ୍କ ବୟାନ ପାଇଁ ସଂସଦର ଉଭୟ ଗୃହ ମୁଲତବୀ ହେଲା । ଏହି ମାମଲା ଖୁବ୍ ଗମ୍ଭୀର । ଶିବକୁମାରଙ୍କ ଏହି ବୟାନକୁ ନେଇ କର୍ଣ୍ଣାଟକରୁ ନେଇ ଦିଲ୍ଲୀ ପର୍ଯ୍ୟନ୍ତ ସବୁଠି ଆରମ୍ଭ ହୋଇଛି ରାଜନେତିକ ବୟାନବାଜି । ବିଜେପି ଏହାକୁ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ବୋଲି କହୁଛି । ଏଭଳି କରି କଂଗ୍ରେସ ମୁସଲମାନଙ୍କୁ ଲାଭ ଦେବା ସହ ଦେଶକୁ ଭାଗ କରିବାକୁ ଚେଷ୍ଟା କରୁଛି ବୋଲି ବିଜେପି ଅଭିଯୋଗ କରିଛି ।

# ବାଂଲାଦେଶରେ ୧୪୦ କପଡ଼ା ଫ୍ୟାକ୍ଟ୍ରି ବନ୍ଦ

**ଢାକା,୨୫।୩(ଏଜେନ୍ସି):** ଶେଖ୍ ହସିନା ସରକାରର ପତନ ପରେ ବାଂଲାଦେଶର କପଡ଼ା ଶିଳ୍ପ କ୍ଷେତ୍ରକୁ ଭୟଙ୍କର ସଂକଟ ମାଡ଼ିବସିଛି । କମ୍ପାନୀମାନେ ଦେଶରେ ନିବେଶ ପାଇଁ ମୁହଁ ମୋଡୁଛନ୍ତି । ଏମିତି କି ପୂର୍ବରୁ ବିପୁଳ ପୁଞ୍ଜି ଖଟାଇ ଲାଭବାନ ହୋଇଥିବା ସଂସ୍ଥାମାନେ ବାଂଲାଦେଶକୁ ଅଲବିଦା କହିବା ଆରମ୍ଭ କରିଦେଇଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ଗାଦିଚ୍ୟୁତ ହେବାର ୭ ମାସ ପରେ ୧୪୦ରୁ ଅଧିକ କପଡ଼ା ଫ୍ୟାକ୍ଟ୍ରିରେ ତାଲା ପଡ଼ିସାରିଲାଣି । ଏହାଯୋଗୁ ୧ ଲକ୍ଷରୁ ଅଧିକ ଲୋକ ବେରୋଜଗାର ହୋଇଯାଇଛନ୍ତି । କେବଳ ଗାଜିପୁର, ସାଓ୍ୱାର, ନାରାୟଣଗଞ୍ଜ ଓ ନର୍ସିନ୍ଦିରେ ୫୦ରୁ ଅଧିକ ପୋଷାକ କାରଖାନା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । ପ୍ରାୟ ୪୦ଟି କାରଖାନା ଅସ୍ଥାୟୀ ଭାବେ ବନ୍ଦ ହୋଇଛି । ଅନ୍ୟ କେତେକ କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ୨ ମାସରୁ ୧୪ ମାସର ବେତନ ବାକି ରହିଛି । ଏହାଯୋଗୁ ହାହାକାର ସ୍ଥିତି ସୃଷ୍ଟି ହୋଇଛି । ଲୋକମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି । ଇଦ୍ ପରେ ଆହୁରି ଅନେକ ଫ୍ୟାକ୍ଟ୍ରି ବନ୍ଦ ହୋଇପଡ଼ିବା ଆଶଙ୍କା ଉପୁଜିଛି। ଏହାସତ୍ତ୍ୱେ ସରକାର ଓ ପୋଷାକ ଶିଳ୍ପ ସଂସ୍ଥାଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ବାଂଲାଦେଶ ପୋଷାକ ନିର୍ମାତା ଓ ରପ୍ତାନିକାରୀ ସଂଘ (ବିଜିଏମ୍ଇଏ)ର ସୂତ୍ର ମୁତାବକ, ୨୦% ଅର୍ଡର ଦେଶରୁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଛି । ଏବେ ଏହା ପଡ଼ୋଶୀ ଭାରତ, ଭିଏତନାମ, ଶ୍ରୀଲଙ୍କା, ଇଣ୍ଡୋନେସିଆ ଓ ପାକିସ୍ତାନକୁ ଚାଲିଯାଇଛି। ଗାର୍ମେଣ୍ଟ ଫ୍ୟାକ୍ଟ୍ରି ଅଚାନକ ବନ୍ଦ ହୋଇଯିବା



ପଛରେ ଦୁଇଟି ବଡ଼ କାରଣ ଥିବା କୁହାଯାଉଛି। ସୂତ୍ର ମୁତାବକ, ଦେଶରେ ଦେଖାଦେଇଥିବା ଏହି ମାନ୍ଦାବସ୍ଥା ସମ୍ପୂର୍ଣ୍ଣ ରାଜନୈତିକ । ଏ ପର୍ଯ୍ୟନ୍ତ ବନ୍ଦ ହୋଇପଡ଼ିଥିବା କପଡ଼ା ଫ୍ୟାକ୍ଟ୍ରି ମଧ୍ୟରୁ ଅଧିକାଂଶ ପୂର୍ବତନ ପ୍ରଧାନମନ୍ତ୍ରୀ ହସିନାଙ୍କ ଦଳ ଆଓ୍ୱାମି ଲିଗ୍ର ନେତାଙ୍କ ସହ ଜଡ଼ିତ ରହିଛି । ହସିନାଙ୍କ ବିଦେଶୀ ନିବେଶ ପରାମର୍ଶଦାତା ସଲମାନ ଏଫ୍ ରହମାନଙ୍କ ବେକ୍ସିମ୍କୋ କମ୍ପାନୀ ବି ବନ୍ଦ ହୋଇଯାଇଛି । ଗତ ୭ ମାସ ମଧ୍ୟରେ ବେକ୍ସିମ୍କୋର ୧୫ଟି କାରଖାନା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି । ଏହାଛଡ଼ା, ଆଓ୍ୱାମି ଲିଗର ନେତା ଗାଜି ଦସ୍ତଗିରଙ୍କର ଅନେକ କାରଖାନା ବି ବନ୍ଦ ହୋଇଛି । ଲେବର ନେତା ମହମ୍ମଦ ମିଣ୍ଟୁ କହିଛନ୍ତି, ବେକ୍ସିମ୍କୋ ଗାର୍ମେଣ୍ଟ କମ୍ପାନୀ ଦେଶର ଏକ ପ୍ରମୁଖ କମ୍ପାନି ଥିଲା । ଏଠାରେ କାମ କରୁଥିବା ଶ୍ରମିକମାନେ ବେତନ ସାଙ୍ଗକୁ ବୋନସ୍ ପାଇ ଲାଭବାନ ହେଉଥିଲେ । ଏହା ବନ୍ଦ ହୋଇପଡ଼ିବା ଯୋଗୁ ସମସ୍ୟା ଉପୁଜିଛି। ଅନେକ ବଡ଼ କପଡ଼ା ବେପାରୀ ଦେଶ ଛାଡ଼ି ପଳାଇଲେଣି । ଏହାଯୋଗୁ ଆଗକୁ ଆହୁରି ଗମ୍ଭୀର ସମସ୍ୟା ଉପୁଜିବ । ପୋଷାକ କ୍ଷେତ୍ରକୁ ବାଂଲାଦେଶ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ କୁହାଯାଇଥାଏ । ଏହି ଶିଳ୍ପ ପ୍ରତିବର୍ଷ ଦେଶର ୮୪% ବିଦେଶୀ ମୁଦ୍ରା ହାସଲ କରିଥାଏ । ଏଥିସହ ସିଧାସଳଖ ଭାବେ ୫୦ ଲକ୍ଷ ଓ ପରୋକ୍ଷରେ ୧.୫ କୋଟି ଲୋକଙ୍କୁ ରୋଜଗାର ଦେଇଥାଏ । ବିଶେଷକରି ମହିଳାମାନେ ବହୁ ସଂଖ୍ୟାରେ ଏହି ଶିଳ୍ପରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ବର୍ତ୍ତମାନର ସଂକଟ ଅର୍ଥ ବ୍ୟବସ୍ଥାକୁ ଦୋହଲାଇ ଦେଇଛି।

# ଲିକର୍ ଉତ୍ପାଦନକାରୀଙ୍କ ବିରୋଧରେ ପାତର ଅନ୍ତରରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଓଡ଼ିଶା ସରକାରଙ୍କୁ ନିବେଦନ

**ନୂଆଦିଲ୍ଲୀ,୨୫।୩(ଏଜେନ୍ସି):** ଘରୋଇ ଲିକର୍ ଉତ୍ପାଦନକାରୀମାନେ ପୂର୍ବ ସରକାର ସମୟରେ ବିଦେଶୀ ବ୍ରାଣ୍ଡଗୁଡ଼ିକକୁ ଦେଇଥିବା ସ୍ୱତନ୍ତ୍ର ଟିକସ ରିହାତି ସୁବିଧା ପ୍ରତ୍ୟାହାର କରି ଏବଂ ସେମାନଙ୍କୁ ଏକ ସମାନ ପ୍ରତିଯୋଗିତାମୂଳକ କ୍ଷେତ୍ର ଯୋଗାଇ ଦେଇ ଭାରତୀୟ ଆଲକୋହଲିକ ବେଭରେଜ କ୍ଷେତ୍ରରେ କରାଯାଉଥିବା ପାତର ଅନ୍ତରରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ନୂତନ ବିଜେପି ସରକାରଙ୍କୁ ନିବେଦନ କରିଛନ୍ତି। ଭାରତୀୟ ଲିକର୍ ପ୍ରସ୍ତୁତକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର 'ଆତ୍ମନିର୍ଭର ଭାରତ' ଏବଂ 'ମେକ୍ ଇନ ଇଣ୍ଡିଆ' ପ୍ରୟାସଗୁଡ଼ିକୁ ଆଲକୋହଲିକ ବେଭରେଜ ଶିଳ୍ପକୁ ମଧ୍ୟ ଆଗେଇ ନେଇ ଘରୋଇ ଲିକର ଶିଳ୍ପକୁ ସମର୍ଥନ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି। ଘରୋଇ ଲିକର ଉତ୍ପାଦନକାରୀଙ୍କର ଶୀର୍ଷ ପରିଷଦ କନଫେଡେରେସନ ଅଫ ଇଣ୍ଡିଆନ ଆଲକୋହଲିକ ବେଭରେଜ କମ୍ପାନିଜ (ସିଆଇଏବିସି) ଆମଦାନୀ କରାଯାଉଥିବା ଲିକର ଯଥା: ହ୍ୱିସ୍କି, ଜିନ୍, ବ୍ରାଣ୍ଡି, ଭୋଡକା, ୱାଇନ୍ସ ଆଦି ଉପରେ ପ୍ରିମିୟମ ଭାରତୀୟ ବ୍ରାଣ୍ଡଗୁଡ଼ିକ ତୁଳନାରେ କମ ଟିକସ ଲଗାଯାଉଥିବା ଏବଂ ଏହାଦ୍ୱାରା ଆମଦାନୀକୃତ ବ୍ରାଣ୍ଡଗୁଡ଼ିକ ଅଯାଚିତ ଫାଇଦା ଦିଆଯାଉଥିବା ପ୍ରସଙ୍ଗରେ ଗଭୀର ଅସନ୍ତୋଷ ପ୍ରକାଶ କରିଛି। ୨୦୨୨-୨୩ରେ ପୂର୍ବ ସରକାର ରାଜ୍ୟରେ ସମସ୍ତ ଆମଦାନୀ କରାଯାଉଥିବା ଆଲକୋହଲ ଉପରୁ ଅବକାରୀ ଶୁଳ୍କ ହ୍ରାସ କରିଥିଲେ, କିନ୍ତୁ ଭାରତ ତିଆରି ଲିକର୍ ଉପରୁ ଶୁଳ୍କ ହ୍ରାସ କରିନଥିଲେ। ଘରୋଇ ଉତ୍ପାଦନକାରୀମାନେ ଆଶା କରୁଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଏହି ଅସମାନତାରେ ପରିସମାପ୍ତି ଘଟାଇବେ ଏବଂ ଘରୋଇ କମ୍ପାନୀଗୁଡ଼ିକୁ ସମାନ ସୁବିଧା ସୁଯୋଗ ଯୋଗାଇଦେବେ। "ଓଡ଼ିଶା ସରକାରଙ୍କୁ ଆମେ ଭାରତୀୟ ଉତ୍ପାଦଗୁଡ଼ିକ ବିରୋଧରେ, ବିଶେଷକରି ସିଙ୍ଗଲ ମଲ୍ଟ ହ୍ୱିସ୍କି, ବ୍ଲେଣ୍ଡେଡ ଭାରତୀୟ ହ୍ୱିସ୍କି, ଜିନ ଏବଂ ରମ୍ ଭଳି ପ୍ରିମିୟମ ଓ ଲକ୍ଜରୀ ଭାରତୀୟ ଉତ୍ପାଦଗୁଡ଼ିକ ବିରୋଧରେ ପାତର ଅନ୍ତରରେ ପରିସମାପ୍ତି ଘଟାଇବାକୁ ଆମେ ସୁପାରିଶ କରିଛୁ," ବୋଲି ଶ୍ରୀ ଅନନ୍ତ ଏସ ଆୟର, ଡାଇରେକ୍ଟର ଜେନେରାଲ, ସିଆଇଏବିସି କହିଛନ୍ତି। "ମେଡ୍ ଇନ ଇଣ୍ଡିଆ ଲିକର (ଆଇଏମଏଫଏଲ୍)କୁ ସୁରକ୍ଷିତ ଓ ପ୍ରୋତ୍ସାହିତ କରିବାର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବଟଲଡ୍ ଇନ ଅରିଜିନ (ବିଦେଶୀ ଲିକର) ନିମନ୍ତେ ଲାଗୁ କରାଯାଉଥିବା ରାଜ୍ୟ ଶୁଳ୍କ ସହିତ ସଂହତି ରଖୁଥିବା କମ୍ ହାରରେ ଅବକାରୀ ଶୁଳ୍କ ରାଜ୍ୟ ସରକାର ଲାଗୁ କରିବା ଉଚିତ।

# ହୁଥି ବିଦ୍ରୋହୀଙ୍କୁ ଆମେରିକାର ଜବାବ

**ନୂଆଦିଲ୍ଲୀ,୨୫।୩(ଏଜେନ୍ସି):** ୟେମେନର ରାଜଧାନୀ ସାନାରେ ଆମେରିକା ପକ୍ଷରୁ ବିମାନ ଆକ୍ରମଣ ହୋଇଛି । ଏହି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ବର୍ତ୍ତମାନ ସମୟରେ ଆମେରିକା ହୁଥିଙ୍କ ନିୟନ୍ତ୍ରିତ ସାନା ଉପରେ ନିରନ୍ତର ଆକ୍ରମଣ କରୁଛି । ହୁଥି-ନିୟନ୍ତ୍ରିତ ସ୍ୱାସ୍ଥ୍ୟ ଅଧିକାରୀ ମାନେ କହିଛନ୍ତି ଯେ, ସାନା ଉପନଗର ଅସରରେ ହୋଇଥିବା ଆକ୍ରମଣରେ ଆହତଙ୍କ ମଧ୍ୟରେ ତିନି ଜଣ ଶିଶୁ ଏବଂ ଦୁଇ ଜଣ ମହିଳା ଅଛନ୍ତି । ଲୋକମାନେ ଏହି ଆକ୍ରମଣକୁ ଅତ୍ୟନ୍ତ ହିଂସାତ୍ମକ ବୋଲି ବର୍ଣ୍ଣନା କରିଛନ୍ତି । ଉଦ୍ଧାରକାରୀ ଦଳ କୋଠାର ଭଗ୍ନାବଶେଷରେ ଲୋକଙ୍କୁ ଖୋଜୁଛନ୍ତି । କୁହାଯାଉଛି ଯେ ଲୋହିତ ସାଗରରେ ମୁତୟନ ହୋଇଥିବା ଆମେରିକୀୟ ସେନା ଉତ୍ତର ୟେମେନର ସାଦା ପ୍ରଦେଶରେ ବିମାନ ଆକ୍ରମଣ କରିଛନ୍ତି । ଏହାର କେନ୍ଦ୍ରୀୟ ସହର ଯାହାକି ହୁଥିଙ୍କ ଗଡ଼ ପରିସରର ଅଞ୍ଚଳ ଗୁଡ଼ିକୁ ଟାର୍ଗେଟ କରାଯାଇଥିଲା । ଉତ୍ତର ଲୋହିତ ସାଗରରେ ଥିବା ୟୁଏସଏସ ହ୍ୟାରି ଏସ. ଟ୍ରୁମ୍ୟାନ୍ ଉପରେ ହୁଥି ମାନେ ଆକ୍ରମଣ କରିଥିଲେ । କେନ୍ଦ୍ରୀୟ ଇସ୍ରାଏଲରେ ଥିବା ଟ୍ରୁମ୍ୟାନ୍ ବିମାନ ବାହକ ଜାହାଜ ଏବଂ ବେନ୍ ଗୁରିଅନ୍ ବାୟୁସେନା ଘାଟି ଉପରେ ଆକ୍ରମଣ ପରେ ଆକ୍ରମଣ ହୋଇଥିଲା । ଏହା ପୂର୍ବରୁ ଆମେରିକା ୟେମେନରେ ହୁଥି ବିଦ୍ରୋହୀଙ୍କ ଘାଟି ଉପରେ ବୋମା ମାଡ଼ କରିଥିଲା । ଏହି ବିସ୍ଫୋରଣ ରାଜଧାନୀ ସାନା ଏବଂ ଉତ୍ତର-ପଶ୍ଚିମରେ ଥିବା ସାଦା ସହରକୁ ଟାର୍ଗେଟ କରିଥିଲା । ବୋମା ବିସ୍ଫୋରଣ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୁଥି ବିଦ୍ରୋହୀଙ୍କୁ ଧମକ ଦେଇଥିଲେ । କହିଥିଲେ ଯେ ସେ ସେମାନଙ୍କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବେ ।

# ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍ ପରେ ବି କ୍ଷମା ମାଗିଲେନି କୁନାଲ

**ମୁମ୍ବାଇ,୨୫।୩(ଏଜେନ୍ସି):** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପରେ ମନ୍ତବ୍ୟ ଦେଇ ବିବାଦରେ ଅଛନ୍ତି ହାସ୍ୟ ଅଭିନେତା କୁନାଲ କାମରା । ତାଙ୍କ ସୋ'ରେ କୁନାଲ ବଲିଉଡ୍ ଫିଲ୍ମ 'ଦିଲ୍ ତୋ ପାଗଲ୍ ହେ' ଗୀତର ଏକ ନକଲ କରିଥିଲେ, ଯେଉଁଥିରେ ସେ ସିନ୍ଦେଙ୍କୁ ଦେଶଦ୍ରୋହୀ ବୋଲି କହିଥିଲେ । ତାଙ୍କର ଏହି କମେଡିକୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ତାଙ୍କୁ କ୍ଷମା ମାଗିବା ପାଇଁ କହିଥିବା ବେଳେ ଏବେ କ୍ଷମା ମାଗିବି ନାହିଁ ବୋଲି କହିଛନ୍ତି କୁନାଲ। ହାସ୍ୟ ଅଭିନେତା କୁନାଲ କାମରା ପୁଲିସକୁ କହିଛନ୍ତି ଯେ, ସେ ତାଙ୍କର 'ଦେଶଦ୍ରୋହୀ' କିମ୍ବା 'ବିଶ୍ୱାସଘାତକ' ମନ୍ତବ୍ୟ ପାଇଁ ଅନୁତାପ କରନ୍ତି ନାହିଁ । କୋର୍ଟ କହିଲେ ହିଁ ମୁଁ କ୍ଷମା ମାଗିବି ବୋଲି ସେ ପୁଲିସକୁ ସ୍ପଷ୍ଟ କରିଛନ୍ତି। ଏହା ସହ ବିରୋଧୀଙ୍କଠାରୁ ଟଙ୍କା ନେଇ ସେ ଏଭଳି କହିଥିବା ଦାବିକୁ ମଧ୍ୟ ଖଣ୍ଡନ କରିଛନ୍ତି। ତାଙ୍କ କହିବା ମୁତାବକ, କିଛି ନେତା ଦାବି କରୁଛନ୍ତି ଯେ, ମୁଁ ବିରୋଧୀଙ୍କଠାରୁ ଟଙ୍କା ନେଇ ସିନ୍ଦେଙ୍କୁ ଏଭଳି



କହିଛି । ହେଲେ ଏହା ମିଛ। ପୁଲିସ ଚାହିଁଲେ ମୋ ବ୍ୟାଙ୍କ ଆକାଉଣ୍ଟ ଚେକ୍ କରିପାରିବ। ତେବେ ଦେବେନ୍ଦ୍ର ଫଡନାଭିସ୍ ସୋମବାର କହିଥିଲେ ଯେ, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପରେ ମନ୍ତବ୍ୟ ଦେବା ପାଇଁ ହାସ୍ୟ ଅଭିନେତା କୁନାଲ କାମରାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । କାମରା ତାଙ୍କ ଅପମାନ ପାଇଁ କ୍ଷମା ପ୍ରାର୍ଥନା କରିବା ଉଚିତ । ଏକନାଥ ସିନ୍ଦେଜୀଙ୍କୁ ଅପମାନିତ କରାଯାଇଛି । ଏହାକୁ ବରଦାସ୍ତ କରାଯିବ ନାହିଁ । ନିର୍ବାଚନ ପ୍ରମାଣିତ କରିଛି ଯେ ବିଶ୍ୱାସଘାତକ କିଏ । କୌଣସି ଷ୍ଟାଣ୍ଡ-ଅପ୍ କମେଡିଆନଙ୍କୁ ଏତେ ବଡ଼ ନେତାଙ୍କୁ ଦେଶଦ୍ରୋହୀ କହିବାର ଅଧିକାର ରହିବା ଉଚିତ୍ ନୁହେଁ। ଯଦିଓ ସେମାନଙ୍କର ଥଟ୍ଟା କରିବାର ଅଧିକାର ଅଛି, ଯଦି କେହି ଜାଣିଶୁଣି ଏହି ଉପାୟରେ ବଡ଼ ନେତାମାନଙ୍କୁ ଅପମାନିତ କରନ୍ତି କିମ୍ବା ବଦନାମ କରନ୍ତି, ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ ଏବଂ ଆଇନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେ ଆହୁରି କହିଛନ୍ତି ଯେ, କୁନାଲ କାମରା ଯେପରି ସମ୍ବିଧାନର କପି ସହିତ ଟ୍ୱିଟ୍ କରୁଛନ୍ତି, ଏହା ରାହୁଲ ଗାନ୍ଧୀ ସମ୍ବିଧାନ ସହିତ ଯାହା କରିଥିଲେ ତାହା ସହିତ ସମାନ । ସମ୍ବିଧାନ ନାମରେ କେହି ଏପରି ମନ୍ତବ୍ୟ ଦେଇପାରିବେ ନାହିଁ ।

# ଗୁଜରାଟକୁ ୧୧ ରନରେ ହରାଇଲା ପଞ୍ଜାବ




ଅହମଦାବାଦ: ଅଧିନାୟକ ଶ୍ରେୟାସ ଆୟର ଓ ଶଶାଙ୍କ ସିଂଙ୍କ ଧୂଆଁଧାର ବ୍ୟାଟିଂ ବଳରେ ପଞ୍ଜାବ ଆଗରେ ୨୪୪ ରନ୍ ଟାର୍ଗେଟ୍ ଦେଇଛି ଗୁଜରାଟ ଟାଇଟନ୍ସ। ଜବାବରେ ଗୁଜରାଟ ୧୧ ରନ୍ ପଛରେ ରହିଯାଇଛି।

୨୦୨୫ର ପଞ୍ଚମ ମ୍ୟାଚ୍ ଗୁଜରାଟ ଟାଇଟାନ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଖେଳାଯାଉଛି ।ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଉଭୟ ଦଳ ମୁହାଁମୁହିଁ ହୋଇଛନ୍ତି ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୨୪୩ ରନ୍ କରିଛି। ଜବାବରେ ଗୁଜରାଟ ୫ ୱିକେଟ ହରାଇ ୨୩୨ ରନ୍ କରିଥିଲା। ଦଳ ପକ୍ଷରୁ ସାଇ ସୁଦର୍ଶନ ୭୪ ରନ, ଗିଲ୍ ୩୩, ଜୋ ସ ବଟଲଣ, ରଦରଫୋର୍ଡ ୪୬ ରନ୍ କରିଥିଷଲ।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବର ଆରମ୍ଭ ଭଲ ନଥିଲା ପ୍ରଭସିମରନ୍ ୫ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ପ୍ରିୟାଂଶ ଓ ଶ୍ରେୟସ ଆୟରଙ୍କ ମଧ୍ୟରେ ଅର୍ଦ୍ଧଶତକୀୟ ଭାଗୀଦାରି ହୋଇଥିଲା ଶେଷରେ ଶଶାଙ୍କ ସିଂହ ବିସ୍ଫୋରକ ବ୍ୟାଟିଂ କରିଥିଲେ। ପଞ୍ଜାବ କିଙ୍ଗ୍ସ ପାଇଁ ପ୍ରିୟାଂଶ ଆର୍ଯ୍ୟା ୪୭, ଶ୍ରେୟସ ଆୟର ଅପରାଜିତ ୯୭ ଓ ଶଶାଙ୍କ ସିଂହ ୪୪ ରନ୍ କରି ଅପରାଜିତ ରହିଥିଲେ। ଗୁଜରାଟ ଟାଇଟନ୍ସ ପାଇଁ ସାଇ କିଶୋର ସର୍ବାଧିକ ୩ୱିକେଟ୍ ନେଇଥିଲେ ରାବାଡା ଓ ରାଶିଦ ଖାନ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

## ଅଡୁଆରେ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ, ୨୫।୩: ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ) ୨୦୨୫ ପରେ ଭାରତୀୟ ଦଳକୁ ଇଂଲଣ୍ଡ ଗସ୍ତ କରିବାକୁ ପଡିବ, ଯେଉଁଠାରେ ଏହାକୁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ପଡିବ। କିନ୍ତୁ ଏହା ପୂର୍ବରୁ ଭାରତ-ଏ ଦଳ ସେଠାରେ ୨ଟି ଅଭ୍ୟାସ ମ୍ୟାଚ୍ ଖେଳିବ ।ଏହି ଅଭ୍ୟାସ ମ୍ୟାଚ୍‌ଗୁଡ଼ିକର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏଥିରେ ଭାରତୀୟ ଖେଳାଳିମାନେ ଫସିଯାଇଥିବା ଦେଖାଯାଇଛି।

ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଟେଷ୍ଟ ଗସ୍ତର ପ୍ରସ୍ତୁତି ପାଇଁ ବିସିସିଆଇ ଏବଂ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ () ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହା ଅଧୀନରେ ଭାରତ ଏ ଦଳ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଦୁଇଟି ୪ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବ। ଇସିବି ନିଶ୍ଚିତ କରିଛି ଯେ ପ୍ରଥମ ମ୍ୟାଚ ମେ ୩୦ରୁ ଜୁନ ୨ ପର୍ଯ୍ୟନ୍ତ ସ୍ୱିଟଫାୟାର୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ, ଯେତେବେଳେ ଦ୍ୱିତୀୟ ମ୍ୟାଚ ଜୁନ ୬ ରୁ ୯ ପର୍ଯ୍ୟନ୍ତ କାଉଣ୍ଟି ଗ୍ରାଉଣ୍ଡରେ ଖେଳାଯିବ। ବଡ଼ କଥା ହେଉଛି ଆଇପିଏଲ୍ ୨୦୨୫ ଫାଇନାଲ ଏବଂ ଭାରତ ଏ ମ୍ୟାଚ୍ ମଧ୍ୟରେ ମାତ୍ର ୪ ଦିନର ବିରତି ରହିଛି ।୨୦୨୫ର ଫାଇନାଲ ୨୫ ମଇରେ ଖେଳାଯିବ, ଯାହାର ଅର୍ଥ ହେଉଛି ଶେଷ ହେବା ଏବଂ ଇଂଲଣ୍ଡ ଗସ୍ତର ପ୍ରସ୍ତୁତି ଆରମ୍ଭ ହେବା ମଧ୍ୟରେ କେବଳ ୪ ଦିନର ବ୍ୟବଧାନ ରହିବ ।

# ୬ମାସରେ ସଚିନର ପୁଅକୁ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟସମ୍ୟାନ କରିଦେବି: ଯୋଗରାଜ ସିଂହ



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟର ଯୁବରାଜ ସିଂହଙ୍କ ବାପା ଯୋଗରାଜ ସିଂହଙ୍କ ବୟାନ ଯୋଗୁଁ ପୁଣି ଥରେ ଭାଇରାଲ ହୋଇଛି। ଏଥର ସେ ମାଷ୍ଟର ବ୍ଲାଷ୍ଟର ତଥା କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକରଙ୍କ ବିଷୟରେ ବୟାନ ଦେଇଛନ୍ତି ।ଯୋଗରାଜ ସିଂହ ଦାବି କରିଛନ୍ତି ଯେ ଯଦି ଅର୍ଜୁନ ତାଙ୍କ ସହିତ ରହି ୬ମାସ ପାଇଁ ତାଲିମ ନିଅନ୍ତି, ତେବେ ସେ ତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟସମ୍ୟାନ କରିଦେବେ ଯୋଗରାଜ ସିଂହଙ୍କ ଏହି ବୟାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ରାଜସ୍ଥାନ ରୟାଲ୍ସ ଏବଂ କିଙ୍ଗସ୍ ପଞ୍ଜାବର ପୂର୍ବତନ ଖେଳାଳି ତରୁବର କୋହଲିଙ୍କୁ ଏକ ସାକ୍ଷାତକାର ଦେଇ ଯୋଗରାଜ ସିଂହ କହିଛନ୍ତି ଯେ, ଅର୍ଜୁନ ତେନ୍ଦୁଲକର ତାଙ୍କ ବ୍ୟାଟିଂ ଉପରେ ଅଧିକ ଧ୍ୟାନ ଦେବା ଉଚିତ ଯଦି ଅର୍ଜୁନ ଏବେ ମୋ ପାଖକୁ ଆସିବେ, ତେବେ ମୁଁ ତାଙ୍କୁ ଛଅ ମାସ ମଧ୍ୟରେ ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟସମ୍ୟାନ କରିଦେବି। ବ୍ୟାଟିଂରେ ତାଙ୍କର କେତେ ସମ୍ଭାବନା ଅଛି। କେହି ଜାଣନ୍ତି ନାହିଁ। ସେ ମୋ ସହିତ ୧୨ଦିନ ଥିଲେ ସେ ତାଙ୍କର ରଣଜୀ ଟ୍ରଫି ଡେବ୍ୟୁରେ ଶତକ ହାସଲ କରିଥିଲେ। କେହି ଏହା ଜାଣିପାରିଲେ କି? ଗୋଆର ଦଳ ଏଠାରେ ଥିଲା ଅର୍ଜୁନଙ୍କୁ ମୋ ପାଖରେ ରଖିବାକୁ ସଚିନ ଏବଂ ଯୁବରାଜ ମୋତେ କହିଥିଲେ। ସେ ମୋ ସହିତ ୧୦-୧୨ ଦିନ ରହିଥିଲେ ସେତେବେଳେ ମୁଁ ଦେଖିଲି, ସେ ଏତେ ଭଲ ବ୍ୟାଟସମ୍ୟାନ, ତାଙ୍କୁ ବୋଲିଂରେ କାହିଁକି ରଖାଯାଉଛି?' ତାଙ୍କୁ ବୋଲିଂ ଦେଇ କାହିଁକି ତାଙ୍କ ଭବିଷ୍ୟତ ନଷ୍ଟ କରାଯାଉଛି? ସେ ଜଣେ ଭଲ ବ୍ୟାଟିଂ ଅଲରାଉଣ୍ଡର ହୋଇ ପାରିବେ।

# ମୁଁ ସମ୍ପତ୍ତି ଚାହୁଁନାହିଁ, ଚାହୁଁଛି ଛାଡ଼ପତ୍ର



ନୂଆଦିଲ୍ଲୀ: ପୂର୍ବତନ ବିଶ୍ୱ ଚାମ୍ପିଅନ ବକ୍ସର ସ୍ୱିଟି ବୋରା ଏବଂ ତାଙ୍କ ସ୍ୱାମୀ ଦୀପକ ହୁଡା(ଭାରତୀୟ କବାଡି ଦଳର ପୂର୍ବତନ ଅଧିନାୟକ )ଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି।

ସ୍ୱିଟି ମହିଳା ଥାନାରେ ସ୍ୱାମୀଙ୍କ ଆକ୍ରମଣର ଏକ ଭିଡିଓ ଉପରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଦୀପକ ହୁଡା ପୁଅମାନଙ୍କ ପ୍ରତି ଆଗ୍ରହୀ ମୁଁ ଏସବୁ କଥା ବହୁତ ପରେ ଜାଣିବାକୁ ପାଇଲି ଦୀପକ ହୁଡା ମୋତେ ଖୁବ ନିର୍ଯାତନା ଦେଇଛନ୍ତି ଓ ମାଡ଼ ମାରିଛନ୍ତି ସାମ୍ନାକୁ ଆସିଥିବା ଭିଡିଓ ଆରମ୍ଭ ଏବଂ ଶେଷ ଅଂଶକୁ କାଟି ଦିଆଯାଇଛି ଯେଉଁ ଅଂଶ କାଟି ଦିଆଯାଇଛି ସେଥିରେ ଦୀପକ ମୋତେ ଖୁବ ନିର୍ଯାତନ ଦେଉଥିବା ଦେଖିବାକୁ ମିଳିବ ।ଅନ୍ୟପକ୍ଷରେ ପୁଲିସ ଷ୍ଟେସନର ଭିଡିଓ ସାର୍ବଜନୀନ ହେବା ଉପରେ ସ୍ୱିଟି ବୋରା ପ୍ରଶ୍ନ ଉଠାଇ କହିଛନ୍ତି, ଭିଡିଓ ସାର୍ବଜନୀନ ହେବା ଦର୍ଶାଉଛି ଯେ ହିସାର ଏସପି ଏହି ମାମଲାରେ ଦୀପକଙ୍କ ସହ ସାମିଲ ଅଛନ୍ତି ଦୁହିଁଙ୍କୁ ଫାଶୀ ଦିଆଯିବା ଉଚିତ

ମାର୍ଚ୍ଚ ୨୩ରେ ମୁଁ ଗଣମାଧ୍ୟମରେ କହିଥିଲି ଯେ ଥାନାରେ ଯାହା ଘଟିଥିଲା ତାହାର ସମ୍ପୂର୍ଣ୍ଣ ଭିଡିଓ ପ୍ରକାଶ କରାଯାଉ କିନ୍ତୁ, ହିସାର ଏସ୍ପି ପୁଲିସ ଷ୍ଟେସନର ଭିଡିଓକୁ ବିକୃତ ଭାବରେ ଉପସ୍ଥାପନ କରିଛନ୍ତି ।

ମୋ ବିରୋଧରେ ହେଉଥିବା ଅଭିଯୋଗ ସହିତ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ବିଷୟରେ କହିବାକୁ ହିଁ ମୁଁ ଲାଇଭ୍ ଆସିଛିଯଦି ମୁଁ ଏତେ ଖରାପ ତେବେ ଦୀପକ ମୋତେ କାହିଁକି ଛାଡପତ୍ର ଦେଉନାହାଁନ୍ତି? ମୁଁ ତାଙ୍କଠାରୁ କିଛି ଚାହୁଁ ନାହିଁ ଟଙ୍କା, ଜମିବାଡ଼ି, ସମ୍ପତ୍ତି ମୋର କିଛି ଲୋଡା ନାହିଁ ବାସ ମୋତେ ଛାଡପତ୍ର ଦେଇ ଦିଅନ୍ତୁ

# ବ୍ରିସବେନକୁ ମିଳିବ ନୂଆ ଉପହାର

ନୂଆଦିଲ୍ଲୀ, ୨୫।୩: ବ୍ରିସବେନର ଐତିହାସିକ ଗାବା ଷ୍ଟାଡିୟମକୁ ଭାଙ୍ଗି ଦିଆଯିବ। ଆନୁଷ୍ଠାନିକ ଭାବରେ ବ୍ରିସବେନ କ୍ରିକେଟ ଗ୍ରାଉଣ୍ଡ ଭାବରେ ପରିଚିତ ଏହି ଷ୍ଟାଡିୟମକୁ ୨୦୩୨ ଅଲିମ୍ପିକ ଏବଂ ପାରାଅଲିମ୍ପିକ ଗେମ୍ସ ପରେ କ୍ରିକେଟ ଅଷ୍ଟ୍ରେଲିଆ ଦ୍ୱାରା ଭାଙ୍ଗି ଦିଆଯିବାର ଯୋଜନା ରହିଛି।



ସେହି ସମୟରେ, ବ୍ରିସବେନକୁ ଏକ ନୂଆ ଷ୍ଟାଡିୟମ ମିଳିବ। ଯେଉଁଥିରେ ୬୦ହଜାର ଦର୍ଶକ ମ୍ୟାଚ ଦେଖିବାକୁ ଆସିପାରିବେ। ଏହି ନୂତନ ଷ୍ଟାଡିୟମଟି ୨୦୩୨ ଅଲିମ୍ପିକ୍ସର ମୁଖ୍ୟ ସ୍ଥାନ ହେବ ଏବଂ ଭବିଷ୍ୟତରେ ପ୍ରମୁଖ କ୍ରୀଡା ଇଭେଣ୍ଟ ଆୟୋଜନ କରିଚାଲିବ।

ପ୍ରକୃତରେ, ଯେତେବେଳେ କ୍ରିକେଟ ଅଷ୍ଟ୍ରେଲିଆ ୨୦୨୪ ମସିହାରେ ଆଗାମୀ ସାତ ବର୍ଷ ପାଇଁ ଏହାର ଅନ୍ତର୍ଜାତୀୟ ସ୍ଥାନ ଆବଣ୍ଟନ ଘୋଷଣା କଲା, ସେତେବେଳେ ଗାବା ଆଗାମୀ ଗ୍ରୀଷ୍ମ ଋତୁର ଆଶେସ ସିରିଜ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ ଗ୍ୟାରେଣ୍ଟି ଦିଆଯାଇଥିଲା। ଏହି ପ୍ରତୀକାତ୍ମକ ଭୂମିକୁ ପୁନଃବିକଶିତ କିମ୍ବା ବଦଳାଯିବା ଉଚିତ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠିବା ମଧ୍ୟରେ ୨୦୨୧ ମସିହାରେ ୨୦୩୨ ଅଲିମ୍ପିକ୍ସ ପାଇଁ କୁଇନ୍ସଲ୍ୟାଣ୍ଡ ବିଡ ଜିତିବା ପରେ ଗାବାର ଭବିଷ୍ୟତ ନେଇ ଅନିଶ୍ଚିତତା ଦେଖାଦେଇଥିଲା, ଯାହାର ପ୍ରଭାବ କ୍ରୀଡା ଇଭେଣ୍ଟଗୁଡ଼ିକ ଉପରେ ପଡ଼ିଥିଲା ବର୍ଷ ବର୍ଷର କଳ୍ପନାଜଳ୍ପନା ଏବଂ ପ୍ରସ୍ତାବ ପରେ, ଏହି ନିଷ୍ପତ୍ତି ଏବେ ପରିସ୍ଥିତିରେ ସ୍ୱଷ୍ଟତା ଆଣିଛି।

କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଏହି ନିଷ୍ପତ୍ତିକୁ ସ୍ୱାଗତ କରି କହିଛି, ଏହା ଆମକୁ ସ୍ଥାନ ଏବଂ ସମୟସୂଚୀ ବିଷୟରେ ନିଶ୍ଚିତତା ପ୍ରଦାନ କରେ, ଯାହା ବ୍ରିସବେନକୁ ଅନ୍ତର୍ଜାତୀୟ ଏବଂ ଘରୋଇ କ୍ରିକେଟ ଆୟୋଜନ ଜାରି ରଖିବାକୁ ଅନୁମତି ଦିଏ।

# ପନ୍ତଙ୍କ ସହ ଯୁକ୍ତିତର୍କ ଗୁଜବ



ନୂଆଦିଲ୍ଲୀ, ୨୫।୩: ଦିଲ୍ଲୀ କ୍ୟାପିଟାଲ୍ସ ସୋମବାର ଆଶୁତୋଷ ଶର୍ମାଙ୍କ ଚମତ୍କାର ଇନିଂସ ବଦଳରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସକୁ ଗୋଟିଏ ଉଇକେଟରେ ପରାସ୍ତ କରିଥିଲା ଲକ୍ଷ୍ନୌ ଅଧିନାୟକ ପନ୍ତଙ୍କ ପାଇଁ ଆଇପିଏଲ୍ ୨୦୨୫ ଅଭିଯାନ ନିରାଶାରୁ ଆରମ୍ଭ ହୋଇଥିଲା। ପନ୍ତ ବ୍ୟାଟିଂରେ ବିଫଳ ହୋଇଥିଲେ। ଏପରିକି ମ୍ୟାଚ୍‌ର ଶେଷ ଓଭରର ଗୁରୁତ୍ୱପୂର୍ଣ୍ଣ ଷ୍ଟମ୍ପିଂ ହାତଛଡ଼ାକରିଥିଲେ। ଫଳରେ ଆଶୁତୋଷ ଜବରଦସ୍ତ ବ୍ୟାଟିଂ କରି ଦିଲ୍ଲୀକୁ ଜିତାଇଥିଲେ। ତେବେ ଏହି ପରାଜୟପରେ ପନ୍ତ ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗର ଏବଂ ଦଳର ମାଲିକ ସଞ୍ଜିବ ଗୋଏଙ୍କାଙ୍କ ସହ ଆଲୋଚନା କରୁଥିବା ଦେଖାଯାଇଥିଲା। ଏହାକୁ ନେଇ କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭିନ୍ନ ଚର୍ଚ୍ଚା ଜୋର ଧରିଥିଲା।

୨୦୨୪ ଆଇପିଏଲ୍ ସମୟରେ ତତ୍କାଳିନ ଅଧିନାୟକ କେ ଏଲ୍ ରାହୁଲଙ୍କ ସହ ଗୋଏଙ୍କାଙ୍କ ବିବାଦ ପୁଣିଥରେ। ଆଲୋଚନାକୁ ଆସିଥିଲା ସମାନ ଢ଼ଙ୍ଗରେ ମାଲିକ ପନ୍ତଙ୍କ କ୍ଲାସ ନେଉଥିବା କୁହାଯାଇଥିଲା। ହେଲେ ଏସବୁ ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଗୋଏଙ୍କା।

ସେ ନିଜ ସୋସିଆଲ ମିଡିଆରେ ପନ୍ତଙ୍କ ସହ ଆଲୋଚନା ସମୟର ଫଟୋ ଶେୟାର କରି କ୍ୟାପଶନରେ ଲେଖିଛନ୍ତି, ମଇଦାନରେ ଉତ୍ସାହ, ମଇଦାନ ବାହାରେ ସୌହାର୍ଦ୍ଧ୍ୟ ପରବର୍ତ୍ତୀ ମ୍ୟାଚ୍ ଅପେକ୍ଷାରେ । ଏବେ ଏହି ପୋଷ୍ଟ ସୋସିଆଲ ମିଡିଆରେ ହେଉଥିବା ପନ୍ତଙ୍କ ସହ ପ୍ରବଳ ଯୁକ୍ତିତର୍କ ଗୁଜବକୁ ଖାରଜ କରିଦେଇଛି।

ମ୍ୟାଚ ବିଷୟରେ କହିଲେ, ମିଚେଲ ମାର୍ଶ ଏବଂ ନିକୋଲାସ ପୁରନଙ୍କ ବିସ୍ଫୋରକ ଇନିଂସ ବଳରେ ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ କରି ୨୦୯ ରନ କରିଥିଲା ଏକାଥରେ ଦିଲ୍ଲୀ ୫ ଉଇକେଟ ହରାଇବା ପରେ ପରାଜୟ ନିଶ୍ଚିତ ବୋଲି ମନେ ହୋଇଥିଲା ହେଲ ତାପରେ ଦଳକୁ ଆଶୁତୋଷଙ୍କ ସମର୍ଥନ ମିଳିଥିଲା ଏବଂ ସେ ଏକାକୀ ମ୍ୟାଚ୍‌ର ଗତି ବଦଳାଇ ଦେଇଥିଲେ ଶେଷ ଓଭରରେ ଆଶୁତୋଷ ଏକ ଛକା ମାରି ଦିଲ୍ଲୀକୁ ବିଜେତା କରିଦେଇ ଦେଲେ ସେ ତିନିଟି ବଲ ବାକି ଥାଇ ମ୍ୟାଚ୍ ଶେଷ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପିଏମ ମୋଦି

ନୂଆଦିଲ୍ଲୀ- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ.ମୋହନ ଯାଦବଙ୍କୁ ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ ଈଶ୍ୱରଙ୍କ ନିକଟରେ କାମନା କରିଛନ୍ତି ଯେ, ତାଙ୍କୁ ଜନସେବା କରିବା ପାଇଁ ଦୀର୍ଘାୟୁ ଓ ସ୍ୱସ୍ଥ ଜୀବନ କାମନା କରନ୍ତୁ ।ପ୍ରଧାନମନ୍ତ୍ରୀ ମୋଦି ସକାଳେ ଏକ୍ସରେ କହିଛନ୍ତି ଯେ, ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ.ମୋହନ ଯାଦବଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭାକାମନା । ସେ ମଧ୍ୟପ୍ରଦେଶ ଲୋକଙ୍କ ଜୀବନକୁ ଉତମ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଈଶ୍ୱର ତାଙ୍କୁ ଲୋକଙ୍କ ସେବା କରିବା ପାଇଁ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପ୍ରଦାନ କରନ୍ତୁ ।

## ବାପା ହେଲେ କେ.ଏଲ୍ ରାହୁଲ

ନୂଆଦିଲ୍ଲୀ, ୨୪।୩: ଭାରତୀୟ କ୍ରିକେଟର କେଏଲ ରାହୁଲ ପିତା ହେବାର ସୌଭାଗ୍ୟଲାଭ କରିଛନ୍ତି ତାଙ୍କ ପତ୍ନୀ ଆଥିୟା ସେଟ୍ଟୀ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି ରାହୁଲ ଏବଂ ଆଥିୟା ଇନଷ୍ଟାଗ୍ରାମ ମାଧ୍ୟମରେ ପ୍ରଥମ ଥର ପାଇଁ ମାତାପିତା ହେବା ବିଷୟରେ ସୂଚନା ଦେଇଛନ୍ତି ଏହି କାରଣରୁ ରାହୁଲ ଦିଲ୍ଲୀ କ୍ୟାପିଟାଲ୍ସର ପ୍ରଥମ ମ୍ୟାଚ ଖେଳୁନାହାନ୍ତି

ଆଥିୟା ଗର୍ଭବତୀ ଥିବାର ସୂଚନା ଗତ ବର୍ଷ ନଭେମ୍ବରରେ ରାହୁଲ ସୋସିଆଲ ମିଡିଆରେ ମାଧ୍ୟମରେ ପ୍ରଶଂସକଙ୍କୁ ଜଣାଥିଲେ ୨୦୨୫ରେ ଚାମ୍ପିଅନ୍ସ ଟ୍ରଫି ଜିତି ଭାରତୀୟ ଦଳ ଦୁବାଇରୁ ଫେରିବା ପରଠାରୁ, ରାହୁଲ ଆଇପିଏଲର ପ୍ରାରମ୍ଭିକ ମ୍ୟାଚ ଖେଳି ନ ପାରନ୍ତି ବୋଲି କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା।

କେଏଲ ରାହୁଲ ଏବଂ ଆଥିୟା ଜାନୁଆରୀ ୨୦୨୩ରେ ବିବାହ କରିଥିଲେ ସେମାନଙ୍କର ବିବାହ ଆଥିୟାଙ୍କ ବାପା ସୁନୀଲ ଶେଟ୍ଟୀଙ୍କ ଖଣ୍ଡାଲାର ଫାର୍ମହାଉସରେ ହୋଇଥିଲା ସେମାନଙ୍କ ବିବାହ ଉତ୍ସବରେ କେବଳ ପରିବାର ସଦସ୍ୟ ଏବଂ ନିକଟତମ ବନ୍ଧୁମାନେ ଯୋଗ ଦେଇଥିଲେ।

# ଇମ୍ପାକ୍ଟ ପ୍ଲେୟାର ଲାଭ ଦେଇନି : ଧୋନୀ

ନୂଆଦିଲ୍ଲୀ, ୨୫।୩: ତାଙ୍କ ଅଧିନାୟକତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସକୁ ୫ଥର ଚାମ୍ପିୟନ କରିଥିବା ଏମଏସ ଧୋନି ଇମ୍ପାକ୍ଟ ପ୍ଲେୟାର ନିୟମ ଉପରେ ଖୋଲାଖୋଲି ଭାବରେ ନିଜର ମତାମତ ପ୍ରକାଶ କରିଛନ୍ତି। ଏହି ନିୟମ ଲାଗୁ ହେବା ପରଠାରୁ ବିବାଦ ଲାଗି ରହିଛି। ଅନେକ ଏହାର ସପକ୍ଷରେ ଅଛନ୍ତି, ଯେତେବେଳେ ଅନେକ ବିଶ୍ୱାସ କରନ୍ତି ଯେ ଏହା ଅଲରାଉଣ୍ଡର ଖେଳାଳିମାନଙ୍କୁ କ୍ଷତି ପହଞ୍ଚାଇଛ। ଧୋନି ବିଶ୍ୱାସ କରନ୍ତି ଯେ ଆଇପିଏଲରେ ଜଣେ ଅତିରିକ୍ତ ଖେଳାଳି ଖେଳିବା ଯୋଗୁଁ ବଡ଼ ସ୍କୋର ହେଉନାହିଁ, ବରଂ ଖେଳାଳିଙ୍କ ପରିବର୍ତ୍ତିତ ମାନସିକତା ଯୋଗୁଁ ହେଉଛି ସେ ବିଶ୍ୱାସ କରନ୍ତି ଯେ ଇମ୍ପାକ୍ଟ ପ୍ଲେୟାର ନିୟମ ତାଙ୍କୁ କୌଣସି ଲାଭ ଦେଇନାହିଁ। ସେ ନିଜକୁ ଜଣେ ପ୍ରଭାବଶାଳୀ ଖେଳାଳି ବୋଲି ମଧ୍ୟ ଭାବୁନାହାଁନ୍ତି।




ଜିଓ ହଟଷ୍ଟାରରେ ଭାଷଣ ଦେଇ ଧୋନି କହିଥିଲେ, ଯେତେବେଳେ ଇମ୍ପାକ୍ଟ ପ୍ଲେୟାର ନିୟମ ପ୍ରଚଳନ କରାଯାଇଥିଲା, ମୁଁ ଭାବିଥିଲି ଯେ ସେହି ସମୟରେ ଏହି ନିୟମର କୌଣସି ଆବଶ୍ୟକତା ନାହିଁ ଏହି ନିୟମ କେତେବେଳେ ମୋତେ ସାହାଯ୍ୟ କରେ କିନ୍ତୁ ଅଧିକାଂଶ ସମୟରେ ଏହା ହୁଏ ନାହିଁ ମୁଁ ଏବେ ବି ୱିକେଟକିପିଂ କରେ ତେଣୁ ମୁଁ ଇମ୍ପାକ୍ଟ ପ୍ଲେୟାର ନୁହେଁ ମୋତେ ଫିଲ୍ଡିଂରେ ମଧ୍ୟ ଆସିବାକୁ ପଡିବ।

ଏମଏସ ଧୋନି ମଧ୍ୟ ବିଶ୍ୱାସ କରନ୍ତି ଯେ ଆଇପିଏଲରେ ଏବେ ବଡ଼ ସ୍କୋର ହେଉଛି ଏବଂ ଏହାର କାରଣ ଇମ୍ପାକ୍ଟ ପ୍ଲେୟାର ନିୟମ ନୁହେଁ ସେ କହିଥିଲେ, ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଇମ୍ପାକ୍ଟ ପ୍ଲେୟାର ନିୟମ ଯୋଗୁଁ ଆଇପିଏଲରେ ବଡ଼ ସ୍କୋର ହେଉଛି କିନ୍ତୁ ମୋ ମତରେ ଖେଳାଳିମାନଙ୍କ ଆରାମଦାୟକ ମାନସିକତା ଏବଂ ପରିସ୍ଥିତି ଯୋଗୁଁ ଏହା ଘଟୁଛି ଜଣେ ଅତିରିକ୍ତ ବ୍ୟାଟସମ୍ୟାନ ଯୋଗୁଁ ନୁହେଁ ବରଂ ମାନସିକତା ଯୋଗୁଁ ସେ ଏତେ ରନ କରୁଛନ୍ତି ଦଳଗୁଡ଼ିକ ଜଣେ ଅତିରିକ୍ତ ବ୍ୟାଟସମ୍ୟାନ ଥିବାରୁ ଆରାମଦାୟକ, ତେଣୁ ବ୍ୟାଟସମ୍ୟାନମାନେ ଅଧିକ ସତର୍କତାର ସହିତ ଖେଳୁଛନ୍ତି ତାଙ୍କର ଉପସ୍ଥିତି ଆତ୍ମବିଶ୍ୱାସକୁ ବୃଦ୍ଧି କରେ କାରଣ ଏହା ନୁହେଁ ଯେ ସମସ୍ତ ୪-୫ ଜଣ ବ୍ୟାଟସମ୍ୟାନଙ୍କୁ ଖେଳାଯାଉଛି।

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ପଚରାଯିବାରୁ ସେ କହିଥିଲେ, ଜଣେ ବ୍ୟାଟସମ୍ୟାନ ଭାବରେ, ମୁଁ ସମସ୍ତ ଦଳ ବିପକ୍ଷରେ ରନ କରିବାକୁ ଚାହେଁ ଦଳକୁ ମୋର ଆବଶ୍ୟକତା ଅନୁସାରେ ତୁମେ ବ୍ୟାଟିଂ କରିବାକୁ ଚେଷ୍ଟା କର।

ବିପକ୍ଷ ଦଳ ବିଷୟରେ ଏମଏସ ଧୋନି କହିଛନ୍ତି ଯେ ତାଙ୍କ ପାଇଁ କେଉଁ ଦଳ ସାମ୍ନାରେ ଅଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ବିଜୟ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥାପି, ସେ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ଯଦି ଦୁଇଟି ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ଆଲୋଚନା ହୁଏ, ତେବେ ଏହା ସମଗ୍ର ଟୁର୍ଣ୍ଣାମେଣ୍ଟ ପାଇଁ ଏକ ଭଲ କଥା। ଇମ୍ପାକ୍ଟ ପ୍ଲେୟାର ନିୟମ ଅନୁଯାୟୀ, ଜଣେ ଅଧିନାୟକ ପ୍ଲେଇଂ ୧୧ ସହିତ ୫ ଜଣ ବଦଳ ଖେଳାଳିଙ୍କୁ ବାଛନ୍ତି ମ୍ୟାଚ ସମୟରେ, ଅଧିନାୟକ ପ୍ଲେଇଂ ୧୧ ରୁ ଜଣେ ଖେଳାଳିଙ୍କ ସ୍ଥାନରେ ପ୍ଲେଇଂ ୧୧ ରେ ଜଣେ ବଦଳ ଖେଳାଳିଙ୍କୁ ସାମିଲ କରିପାରିବେ। ଅଧିନାୟକ ବୋଲରଙ୍କୁ ବାହାର କରି ଜଣେ ବ୍ୟାଟସମ୍ୟାନଙ୍କୁ ଏବଂ ବ୍ୟାଟସମ୍ୟାନଙ୍କୁ ବାହାର କରି ଜଣେ ବୋଲରଙ୍କୁ ମଧ୍ୟ ଆଣିପାରିବେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ